# କୋଶଲି

# କବିତା ଝରନ୍



ରାଜିବ କୁମାର ପଟେଲ

**କୋଶଲି କବିତା ଝରନ୍**

(କବିତା ସଂକଲନ)

**ରାଜିବ କୁମାର ପଟେଲ**
ରୋତ, ବଲାଙ୍ଗିର-୭୬୭୦୬୧
ମୋ-୭୦୦୮୪୧୭୫୯୭

ସ ୍ୱ:
**ପ୍ରୀତିମୟୀ ପଟେଲ**

ପ୍ରକାଶକ:
ନୁଆଁସକାଲ୍ ପବ୍ଲିକେସନ୍ସ, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର-୭୬୭୦୨୩

ପହେଲା ଛପା:
କାର୍ତିକ୍, ୨୦୨୪

ମଲାଟ:
ପ୍ରବୀଣ

ଛାପାଖାନା:
ନୁଆଁସକାଲ୍ ପବ୍ଲିକେସନ୍ସ, ଡୁଙ୍ଗୁରିପାଲି
ମୋ-୯୯୩୭୯୮୬୮୯୭

ଦାମ୍:
୧୫୦/-

# ଅର୍ପନ୍

ଯାହାର୍ ଲାଗି ଇ ଦୁନିଆଁ ଦେଖ୍‌ଲିଁ ଯାହାର୍ ହାଁତ୍ ଧରି ମୁଇଁ ଚାଲି ଶିଖ୍‌ଲିଁ, ଯହାର୍ ଠାନୁ ମୁଇଁ କଥା ଶିଖ୍‌ଲିଁ, ସେ ମୋର୍ ମାଁ ପ୍ରେମଶିଲା ପଟେଲ ଆରୁ ବାପା ପ୍ରହଲ୍ଲାଦ ପଟେଲ ଙ୍କର ହାଁତେ ମୋର୍ ଇ ବହି 'କୋଶ୍‌ଲି କବିତା ଝରନ୍' ସଁପି ଦଉଛେଁ ।

**-ରାଜିବ-**

# ନିଜର ପଦେ...

ମୁଇଁ ଯେତେବଲେ ହାଇସ୍କୁଲ, କଲେଜ୍ ନ ପଢୁଥିଲିଁ ସେତେବେଲ୍‌କେ ଭିନେ ଭିନେ କବି ଆଜ୍ଞା ମାନ୍‌କର୍ କବିତା ରେଡ଼ିଓଥିଁ ଶୁନୁଥିଲିଁ । ସେ କବିତା ଶୁନିକରି ଲେଖ୍‌ବାର୍‌କେ ଚେଷ୍ଟା କରେଁ ହେଲେ ଲେଖି ନାଇଁ ପାରୁଥାଇଁ ।୨୦୧୭ ମସିହା ଫଗୁନ୍ ମାସେ ମାଁ ସର୍‌ସତି ଦେବୀଙ୍କର୍ ଆଶିର୍ବାଦ୍ ନୁ ରଂଗ୍‌ଖେଲାକେ ନେଇକରି ମୋର୍ ପହେଲା କବିତା ଲେଖ୍‌ଲି । ସେଦିନୁ କବିତା /କଥାନି ଲେଖା ଆଗ୍‌କେ ବଢି ଚାଲ୍‌ଲା । ଇଛେନ୍ ଭିନେ ଭିନେ ପତ୍ରିକାଥିଁ ମୋର୍ କବିତା / କଥାନି ବାହାରିବା ସାଂଗେ ସମ୍ବାଦ୍‌ର 'ଜୁଗାର୍'ରେ ବି ବାହାରିଛେ ଆରୁ ଇହାଦେ ମାଁ ସର୍‌ସତିଙ୍କର୍ ଦୟାନୁ ଇ ହାଲେ ବହି ଗୁଟେ ଛପେଇ ପାରିଛେଁ ।

ଆମର୍ ସମଲ୍‌ପୁରୀ /କୋଶ୍‌ଲି ଭାଷାକେ ଆଗ୍‌କେ ନେବାର୍‌କେ ମୋର୍ ଗୁଟେ ଛୋଟ୍ ଚେଷ୍ଟା ଜାରି ରଖିଛେଁ । ମୋର୍ ବହିକେ ଛପେଇଥିବାର୍ ଲାଗିଁ ନୁଆଁସକାଲ୍ ପବ୍ଲିକେସନ୍ସ ର ସବୁ କାର୍ଯ୍ୟକ ୍ତାଙ୍କୁଁ ଆଉ ବିଶେଷ୍ କରି ଇ ବହିଥିଁ ଅଭିମତ ଦେଇଥିବାର୍ ହେମନ୍ତ ଦାଶ ଆଗ୍ୟାଁଙ୍କୁଁ କୃତଜ୍ଞତା ଜନଉଛେଁ ।

**ରାଜିବ**

# ଅଭିମତ



ନିଷାନ୍ କୁଟୁମ୍ ର ଝନେ ସିଆନ୍ କବି ଶ୍ରୀ ରାଜିବ କୁମାର ପଟେଲଙ୍କର୍ 'କୋଶ୍‌ଲି କବିତା ଝରନ୍' କବିତା ସଙ୍କଳନ ମୁକଲାନ୍ ହଉଛେ ଜାନିକରି ମତେ ବଡା ଗହକି ଲାଗଲା । କାଏଁ କରି ବଏଲେ 'ନିଷାନ୍ ସାହିତ୍ୟ ସଂସଦ' ସବୁବେଲେ ମାଁ, ମାଏଟ୍ ଆରୁ ମାତୃରୁ ଭାସାର୍ ବଢ୍‌ତି ଦିଗେଁ ଖଦିଆ ଖୁଚି ଆଗକେ ପାହାଟେ ଲମେଇ ଆସିଛେ । ହେଥିର୍ ଲାଗି ଆମର୍ ଭାସାଥି ବହିଟେ ବାହାର୍‌ଲେ ବଡେଟେ ଉସନାକିର୍ କଥା ଆଏ । ଆମର୍ ଭାସାର୍ ଶବଦ୍ ପାଠକ୍ ମାନ୍‌କର୍ ଭିତରେ ବାନ୍ଧିହେଇ ରହେବା, ଆଏବାର୍ ପିଢି ସେ ବହି ପଢି ଆମର୍ ଭାସା, ସାହିତ୍ୟ ଆଉର୍ ସଁସ୍କୃତି ବିଷେଥିଁ ଖୋବ୍‌ଟେ ଜାନବାକେ ପାଏବେ । ଭାସା ବଢଲେ, ରାଏଜ୍ ବଢବା ।

କବି ଶ୍ରୀ ପଟେଲଙ୍କର୍ କଲମ୍ ଆଉର୍ ଜବର୍ ହଉ, ସମାଜ୍ ଲାଗି ଏନ୍ତା ବହିମାନେ ଭେଟି ଦଉ ଥାଉନ୍ ଏତକି ବିନତି ମାଁ ସର୍‌ସତୀ ଆଉର୍ ମାଁ ସମଲେଇର୍ ପାହାତଲେଁ କରୁଛେଁ । ତାର୍ ସଁଗେ ସଁଗେ କବିକୁଁ ହୁରୁଦ୍ କର୍‌ପନୁ ଖୋବ୍‌ଟେ ଧଏନ୍ କରୁଛେଁ ଆରୁ ଶୁଭେଛା ବି ଜନଉଛେଁ । ଜେ ଭାସା, ଜେ ସାହିତ୍ୟ, ଜେ ମାଁ ସମଲେଇ ! !


ଶୁଭେଛା ସଁଗେ

**ଆଶୁକବି ହେମନ୍ତ ଦାଶ**

ସଂପାଦକ 'ନିଷାନ୍'

ତୁଷୁରା, ବଲାଙ୍ଗିର

ମୋ:୯୯୩୭୬୮୮୫୫୧

# ସୂଚୀପତର୍


| | | |
|---|---|---|
| ୧. | କବି | ୯ |
| ୨. | ଆ ଝାରିଯିମା ଆମ୍ ଲେତି | ୧୧ |
| ୩. | ଗୁଟେ ନାଟୁଆର୍ କଥା | ୧୨ |
| ୪. | ଠକ ଲୋକ୍ | ୧୩ |
| ୫. | ନିଶା ଖାଏଲେ ପାଏବ ଦଶା | ୧୪ |
| ୬. | ଚାକ୍‌ରିଆ ଜୁଏଁ | ୧୫ |
| ୭. | ଖଲିଦନା | ୧୬ |
| ୮. | କରୋନା ବେମାର୍ | ୧୭ |
| ୯. | ମୁନୁଷର୍ ଦୁଖ୍ | ୧୮ |
| ୧୦. | ବଫେଇ | ୧୯ |
| ୧୧. | କବି ଆର୍ କବିତା | ୨୦ |
| ୧୨. | ମଉସୁମି | ୨୧ |
| ୧୩. | ଅକ୍ଷିମୁଠି | ୨୨ |
| ୧୪. | ବେସର୍‌ମିଆଁ | ୨୩ |
| ୧୫. | ଚଷା ଲକ୍ଷେ ଜୀବ ପୁଷା | ୨୪ |
| ୧୬. | ଜଂଗଲ୍ ଥିଲେ ହେବା ମଂଗଲ୍ | ୨୫ |
| ୧୭. | ଦେ' ବର୍‌କ୍ଷି ରଝୋ ରଝୋ | ୨୬ |
| ୧୮. | ମାଁ | ୨୭ |
| ୧୯. | ସବୁ ଗଲାନ ଲୁକି | ୨୮ |
| ୨୦. | ରଥେ ଜଗନ୍ନାଥ | ୨୯ |
| ୨୧. | ବର୍‌ଷା ରାନୀ | ୩୦ |
| ୨୨. | ନୂଆଁଖାଇ ପରବ୍ | ୩୧ |
| ୨୩. | କପଟି ବଂଧୁ | ୩୨ |
| ୨୪. | ମୋର୍ ଭାରତ୍ ମହାନ୍ | ୩୪ |
| ୨୫. | ପର୍‌ଭୁ କୃଷ୍ଣ | ୩୬ |
| ୨୬. | ଗୁରୁ | ୩୭ |

୨୭. ଲଗା ଭକ୍ତି ଭାବେ ମନ୍ ୩୯
୨୮. ଭାଏ ଜିଇଁତିଆ ୪୦
୨୯. ଭାବ୍ ୪୧
୩୦. ଲଖ୍ଁ ପଲାଲେ ଦେଉଲ୍ ଛାଡ଼ି ୪୨
୩୧. ଅଦିନିଆଁ ଝରି ଚଷାର୍ ବଇରି ୪୩
୩୨. ଅହଁକାର ୪୪
୩୩. ଜୁଆ ୪୫
୩୪. ଦୁର୍ନୀତି ୪୬
୩୫. ପୁଲିସ୍ ଚାକ୍ରି ୪୭
୩୬. ମଣ୍ଡି ୪୮
୩୭. ମାଁ ସମଲେଶ୍ୱରୀ ୪୯
୩୮. ଫୁଷ୍‌ପୁନି ୫୦
୩୯. ଶିରି ପଂଚମି ୫୧
୪୦. ଇଟା ସେ ବାଟ୍ ୫୨
୪୧. ମୁନୁଷ୍ ଜୀବନ୍ ୫୩
୪୨. ଫଗୁନ୍ ମାସର୍ ବଉଲି ୫୪
୪୩. ମହୁଲ୍ ୫୫
୪୪. ରାମ୍ ନଅଁମୀ ୫୬
୪୫. ଶ୍ରୀରାମ୍ ନଅଁମୀ ୫୭
୪୬. ବିର ହନୁମାନ୍ ୫୯
୪୭. ମୁବେଲ୍ କରାମତି ୬୦
୪୮. ସାବିତିରି ବରତ୍ ୬୧
୪୯. ରଥ୍ ଯାତ୍‌ରା ୬୨
୫୦. ଚାଷି ୬୩
୫୧. କପଟ୍ ୬୪
୫୨. ଧନ୍ ୬୫
୫୩. ମାୟା ୬୬
୫୪. ହଁଡା ୬୭

| | | |
|---|---|---|
| ୫୫. | କୁକୁର୍ ପୁଷା | ୬୮ |
| ୫୬. | ବିହା | ୬୯ |
| ୫୭. | ଗଛ୍ | ୭୧ |
| ୫୮. | ଭୋଟ୍ | ୭୨ |
| ୫୯. | ମାଁ | ୭୩ |
| ୬୦. | ମଦ୍ | ୭୪ |
| ୬୧. | ଛୁଆ ବେଲର୍ ପାଠ୍ | ୭୫ |
| ୬୨. | ମାଷ୍ଟର୍ | ୭୭ |
| ୬୩. | ଗୁନ୍ | ୭୯ |
| ୬୪. | ବୁଡ଼ି ଗାଁ | ୮୦ |
| ୬୫. | ଗରବ୍ | ୮୨ |
| ୬୬. | ଗୁରୁ ଆଏ ଭଗବାନ୍ | ୮୩ |
| ୬୭. | ନୂଆଁଖାଇ | ୮୫ |
| ୬୮. | ମାଁ ଦୁର୍ଗା | ୮୬ |
| ୬୯. | ଲାଁଚ୍ | ୮୭ |
| ୭୦. | ଫୁଲ୍ | ୮୯ |
| ୭୧. | ନକ୍‌ଲି କରୁଛେ ରାଜ୍ | ୯୦ |
| ୭୨. | ନିଜର୍‌ଟା ନିଜ୍‌କେ ବନେ | ୯୧ |
| ୭୩. | କନ୍ଧମାଲ ଘାଟି | ୯୨ |
| ୭୪. | ମାହାଲଖି | ୯୪ |
| ୭୫. | ଚଇତନର ମାଁ | ୯୫ |
| ୭୬. | ମଲିକେ ଆନୁଅଛେ ଜର | ୯୭ |
| ୭୭. | ପେନସନ୍ | ୯୯ |
| ୭୮. | ଭୋଟ୍ | ୧୦୦ |
| ୭୯. | ମୋର୍ ସମିଆଁ | ୧୦୧ |
| ୮୦. | ସେ ଦିନ୍ ଆଏତା କାଏଁ ଫିରି | ୧୦୨ |
| ❖ | କୋଶଲି ରଁଚେ କବିତା | ୧୦୫-୧୫୨ |


❖

# କବି

ଧନୀଠାନୁଁ ନେଇକରି
ଗରିବ୍ ତକ୍ ଭାବନାକେ
ଲେଖିପକାସି କଲମ୍‌ର ଧାରେ
ସମାଜ୍‌ର ସୁଖୀ ଦୁଖି
ମନର୍ କଥାକେ
ଲେଖିପକାସି କାଗଜ୍ ଫରଦେ
ସେ ଆଏ କବି ।

ପରକୁତିର୍ ଘଟୁଥିବାର
ସବୁ ଘଟନାକେ
ସୁନ୍ଦର କରି ସଜେଇ ଦେସି
କଲମ୍‌ର ଗାରେ
ଚାଷୀର୍ ମନର୍ କଥା
ରୁଗି ବେମାରି ଦଶା
କାଗଜ ଫରଦେ ଦେସି ଯୁଡି
ସେ ଆଏ କବି ।

ନିଏ ଅନିଏ ସବୁକେ
ମୁଡ ଟେକିକରି
କାଗଜ୍ କଲମଥିଁ
କର୍‌ସି ସାମ୍‌ନା
ନାଇଁ ଥାଏ କାହାକେ
ଡର୍ କି ଭଏ
ସେ ଆଏ କବି ।

ସଁସାରର୍ ସବୁ ଜିନିଷ୍‌କେ
ଘାଁଟିସାନି କରି
ସୁନ୍ଦର୍ ଭାବ୍ ଦେଇକରି
ଲୁକର୍ ଆଘେ ଦେସି ପର୍‌ସି
ସେ ଆଏ କବି
ସେ ଆଏ କବି ।

❖

# ଆ ଝାରିଯିମା ଆମ୍ ଲେଡି

ଇ ପିଣହାଁ ସେ ପିଣହାଁ କେଁ ଜେ ହଉଛୁ
ଆ ଝାରିଯିମା ଆମ୍ ଲେଡି ।
ଦୁଇ ଚାଏରଟା ଯଦି ଆନ୍‌ଲେ ଝାରି
ପଖାଲ୍ ଦେମା ଖୁରେ କୁଟି ॥

ଇ ବୁରେଇ ସେ ବୁରେଇ ହେଇକରି
ସଁଖିଲି ବେଟି ଆନ୍‌ମା ଡଲେ ।
ଅଏନ୍ ତୁନ୍‌ଶାଗ୍ ନାଇଁ ହେଲେ ବି
ପଲେଇ ଯିବା ଭାତ୍ ଥାଲେ ॥

ଖଣ୍ ମଧୁର୍ ଲାଗ୍‌ସି ଆମର୍ ଲେଡି
ଝାରମା ମାରି ଢେଲ୍ ଲେଦା ।
ଆଇଛେ ଆମ୍ ଇଥର କେତ୍‌ନିକେତେ
ପଡ୍‌ବା ତଲେ ଗଦା ଗଦା ॥

ଥପୋଥପୋ ଥିପୁଥିସି ଧୁକା ହେଲେ
ଗଛେ ପାଚିଥିଲେ ଆମ୍ ।
ଖାଇଦେଲେ ଗୁଟେ ସୁରୁତ୍ ଲାଗ୍‌ସି
ସାରିକରି ଆସୁଥିଲେ କାମ୍ ॥

❖

# ଗୁଟେ ନାଟୁଆର୍ କଥା

ଗୁଟେ କଲାକାର୍ ତାର୍ ଅଭିନୟଥିଁ
ହସି କଁଦେଇ ପାର୍‌ସି ।
ଦେଖେନ୍ ହାରିମନେ ଯାଏସନ୍ ମଜି
ସଖାଲ୍ ହେଇ ଯାଏସି ॥

ଭିଲିଏନ୍ ତାର୍ ଡାଏଲଗ୍ ବଲେ
ଦୁଲ୍‌କେଇ ଦେସି ମଚାନ୍ ।
ନାଟୁଆ ରୁଲ୍ ଦେଖି ମନ୍ ନାଇଁ ଲାଗେ
ଛାଡ୍‌ବାର୍ କେ ଠାନ୍ ॥

କଁଦାବୁବା ସିନ୍ ପଡ଼ିଗଲା ଯଦି
ଆଖିଁ ଝରିଯିବା ଲହ ।
ନାଟୁଆ କର୍‌ସି ଜିଇଁଲା ଅଭିନୟ
ସମ୍ଭଲେଇ ନି ହଏ କୋହ ॥

ଖେଚ୍‌ଡିଆ କର୍‌ବା ଏନ୍ତା ଖେଚଡ୍
ହଁସି ହଁସି ଯିବ ଗଡି ।
ମନ୍ ଭିତ୍‌ରେ ଯେତେ ବି ଦୁଖ୍ ଥିଲେ
ସବୁଯିବା କେନ୍‌କେ ଉଡି ॥

ଗୁଟେ ନାଟୁଆ ଏକା ପାର୍‌ସି ଜାନି
ନାଟେ ଅଛେ କେତେ ମଜା ।
ନାଟ୍‌'କେ ସେ କେଭେ ଛାଡି ନି ପାରେ
ଘରର୍ ଲୋକ୍ ଦେଲେ ବି ସଜା ॥

❖

# ଠକ ଲୋକ୍

କିଏ କେନ୍ତା ଲୋକ୍ ନାଇଁ ପାର ଜାନି
ଦେଖି ତାର୍ ଚେହେରା ।
ଏନ୍ତା କଥା ମନେ କହି ଘାଁଟି ଦେବା
ଶେଷେ ଖାଏବ ମହରା ॥

ତା'ର୍ କାମ୍ ନାଇଁ ହେବାର୍ ତକ୍
କହେବା ଭଲ୍ କଥା ।
କାମ୍ ସରିଗଲେ ଦେଖା ନି ଦିଏ
ନୁରି ନୁରି ହେବ ଅଥା ॥

ତାର୍ ସମିଆଁ କେ ଗୋଡ୍ ହାଁତ୍ ଧରି
ଆଖୁଁ ଝରାବା ଲହ ।
ବୁଝିନାଇଁପାର ତାର୍ ନାଟକ୍, କର୍‌ବା
କାମ୍ ହେଇ ଗହଗହ ॥

ତାହାକେ କହେଲେ ଗହଲାବା ଦିନ୍
ପଡ଼ିରହେବା ତୁମର୍ କାମ୍ ।
ଭେଟ୍ ପଡିଗଲେ କହେବା ଏନ୍ତା କଥା
ମୁଡ୍ ହେଇଯିବା ଜାମ୍ ॥

❖

# ନିଶା ଖାଏଲେ ପାଏବ ଦଶା

ଖଁ ଖଁ ଖାଁସୁଥିବ ଅହରହ ଦିନ୍ ରାଏତ୍
ପିଇଲେ ଗଁଜେଇ ସିଗ୍ରେଟ୍ ବିଡି ।
ହେବା ରୋଗ୍ ବେମାର୍ ନାଇଁ ପାର ଖଟୁ ଉଠି
ଯତ୍‌ନେଇ ହେଇ ବିକ୍‌ବ ଜମିବାଡ଼ି ॥

ଗୁଡାଖୁ, ଗୁଟ୍‌କା, ଭାଙ୍ଗ୍, ପାନ୍, ଖାଏଲେ
ପାଏବ କେତ୍‌ନିକେତେ ଦଶା ।
ଲୁକର୍‌ନୁ ଲାଖ୍ ବର୍‌ମସ୍ ଆନିକରି
ଡାକ୍ତର୍‌ନୁଁ ଆନ୍‌ବ ଉଷୋ କଷା ॥

ଖୁରିଗିନା ସୁନାରୂପା ଗହନା କରି
ଦେଶୀ ବିଦେଶୀ ମଦ୍ ପିଇବ ।
କିଡ୍‌ନୀ ଲିଭର୍ ଦିହିଁ ହେଲେ ଖରାପ୍
ଘର୍ ଦୁଆର୍‌ନୁଁ ସବୁ ବିକ୍‌ବ ॥

ନିଶା ଦରବ୍‌କେ ନାଇଁ ପାର୍‌ବାର୍ ଛାଡ଼ି
ଥୁତ୍‌ନା ଯଉଥିସି ଗନ୍ଧି ।
ମୁହୁଁକାନ୍‌ନୁଁ କେନ୍‌ସର୍ ହେଇଗଲେ
ପଡିରହେବ ହେଇ ବାନ୍ଧି ॥

ନିଶା ଖାଏଲେ ଦିହିଁକେ ନାଇଁସେ ଭଲ୍
କଥା କହେବେ ବଡ୍‌ବଡ୍
ତୋର୍ ପଏସାଥିଁ ମୁଇଁ ନି ଖାଏବାର୍
ନାଇଁ ହ ମୋର୍‌ନୁଁ ଭଡ୍‌ଭଡ୍ ॥

❖

# ଚାକ୍‌ରିଆ ଜୁଏଁ

ବିନ୍ ଚାକ୍‌ରିଆଟେ ଦେଖିଗଲେ ଟୁକେଲ୍
କର୍‌ସନ୍ କେତେ ବାହାନା ।
ଆମର୍ ଝିକେ ଆରୁ ପାଠ୍ ପଢାମୁଁ କହି
ବିହା ଲାଗି କର୍‌ସନ୍ ମନା ॥

ଟୁକେଲ୍ ଯଦି ସାରିଥିବା ପଢ଼ିପାଠ୍
କହେବେ ଧୁର୍ ହେବା ଗାଁ'ଟା ।
ପେଟ୍ରୋଲ୍ ଡିଜେଲ୍ ଦାମ୍ ତ ବଢୁଛେ
ଯହ ହେବା ଗାଡ଼ି ଭଡ଼ାଟା ॥

ଚାକ୍‌ରିଆ ପିଲାଟେ ଦେଖି ଆସ୍‌ବା ବଲି
ଯଦି ପାଇଗଲେ ଟିକେ ଗନ୍ଧ୍ ।
କହେବେ ପିଲାକେ ପଠେଇ ଦେବ ଜଲ୍‌ଦି
ଆସ୍‌ବା ଅଫିସ୍ କରି ବନ୍ଦ୍ ॥

ଝି ଲାଗି ବୁଆ ନୁରୁଛେ ଚାକ୍‌ରିଆ ପିଲା
ତାର୍ ପୋ ବଡ଼ ବେକାରିଟେ ।
ସେତାର୍ ଲାଗି କେନ୍ତା କର୍‌ବା ନାଇଁ ଭାବେ
ନୁର୍‌ସି ଖାଲି ଚାକ୍‌ରିଆ ଜୁଏଁଟେ ॥

❖

# ଖଲିଦନା

ବହିଖାତା କାଗଜ୍ ପେପର୍ କେ ମାଡିଦେଲେ
କରୁଛୁଁ ଆମେ ମୁଡିଆ ଜୁହାର୍ ।
କାଗଜ୍ ପେପର୍‌ଥିଁ ଖାଏବାର୍ କେ ଦଉଛନ୍
ହେଲେ ଯାତ୍‌ରା ପରବ୍ ତିହାର୍ ॥

ମାଡିଦେଲେ ପାଠ୍ ନାଇଁ ଆସେ ବଲି ଛୁଆକୁ
ଦଉଛନ୍ ମା'ବୁଆ ଶିକ୍ଷା ।
ଇସ୍କୁଲ୍ କଲେଜ୍ ନ ଗଣେଶ ପୂଜା ହେଲେ
କର୍‌ସନ୍ ସେଥି ଖିଆପିଆ ॥

ହଟୁଲେ ପଗ୍‌ଡି ବରା କାଗଜ୍ ପେପ୍‌ରେ
ମିଲୁଛେ ବଢିଆଁ ଖାନାପିନା ।
ଅଏନ୍ ହେତା ସଭେ ଯଦି ବେଭାର କର୍‌ତେ
ପତର୍ ଟିପା ଖଲିଦନା ॥

❖

# କରୋନା ବେମାର୍

ମାସ୍କ୍ ପିନ୍ଧ ବଲି ସବୁବେଲେ କହୁଛେ
ଆମ୍‌କେ ଆମର୍ ସର୍‌କାର୍ ।
ତାର୍ କଥା ନାଇଁ ମାନିକରି ଭାବୁଛନ୍
ନିଜ୍‌କେ ବଡ୍ ଜାନ୍‌ବାର୍ ॥

ପୁଲିସ୍ କେ ଦେଖିଲେ ଛାପ୍‌କୁଛନ୍ ନାକ୍
ଧରି ଚାଦର୍ ଶାଢ଼ୀକାନି ।
ଏନ୍‌ତା ଲୋକକୁ କେନ୍‌ତା କରି ବୁଝାବ
ଅବୁଝା ହେଲେ ଜାନିଶୁନି ॥

କରୋନା ବେମାର୍ କେ ନାଇଁନ ଡର୍,
ଡର୍ ପଡ଼ବା ବଲି ଫାଇନ୍ ।
ଦେଖିଦେଲେ ପୁଲିସ୍ ଗାଡ଼ି କେ ଡର୍‌ହେ
ସୋର୍ ପଡିଯାଏସି ଆଇନ୍ ॥

ଛିଁକ୍‌ଲେ ଖାଁସ୍‌ଲେ ଛାପ୍‌କିମା ଥୁତ୍‌ନା
ଧୁରେ ଥାଇ କରି ହେମା କଥା ।
ଯଦି ସବୁ ନୀତି ନିୟମ୍ ମାନି ଚଲ୍‌ମା
ଇ ବେମାର୍ ନାଇଁ କରେ ଅଥା ॥

ଘରେ ରହେଲେ ଅଏନ୍ କରି ରହେବ
ନି ହେଲେ କରୋନା ଦେବା ଘାଁଟି ।
ବଁଚି ରହିଥିବ ଯଦ୍‌ରିବି ଇ ଦୁନିଆଁଥିଁ
କର୍‌ବ ଭୁଜିଭାତି ଆର୍ ପାଟି ॥

❖

# ମୁନୁଷର୍ ଦୁଖ୍

ପିଲା ଛୁଆ କେ ମାଁ ବୁଆ ଖରଚା କରି
ପଢାଲେ କେତେ ପାଠ୍ ।
ଅଏନ୍ ମାର୍କା ରଖ୍‌ବା ବଲି ଦେଖାଲେ
ଟିଉସନ୍‌ର ବାଟ୍ ॥

ପାଠ୍ ପଢ଼ା ସର୍‌ଲା କି ଚାକ୍‌ରି ଲାଗି
ଦେଲା ପରିଖ୍ୟା ।
ଯେତେ ଚେରେଷ୍ଟା କଲା ନି ପାର୍‌ଲା
ନିଜର୍ ଗୁଡେ ହେଇ ଠିଆ ॥

ଶେଷେ ହତାଶ୍ ହେଇ ବସ୍‌ଲା ଘରେ
ନାଇଁ ହେଲା ବଲି ଚାକ୍‌ରି ।
ହଲ୍ ନଗଁଲ୍ ଧରି କଲା ଚାଷ୍‌ବାସ୍
ଆଶ୍ ଛାଡି ନଉକିରି ॥

ସାର୍ ବିଷ୍ ଉଷୋକଷା ଦେବାର୍ ଲାଗି
ଆନ୍‌ସି ଟଁକା କନ୍‌ତର୍ ।
ମର୍‌ଡି ପୋକ୍ ଲାଗି ମରିଯାଏସି ଚାଷ୍
ସୁଝି ନାଇଁ ପାରେ ପଏସା ପତର୍ ॥

ଲାଗ୍ ବରମସ୍ ଲାଗି ଖାଲି ସଧାବେଲେ
ହଉଥିସି ମନେ ଘାରି ।
କେନ୍‌ତା କର୍‌ମି ବଲି ନାଇଁପାରେ ଜାନି
ଶେଷେ ଜୀବନ୍ ଦେସି ହାରି ॥

❖

# ବଫେଇ

ହାତେ ଧରି ଖଲି ଠିଆ ଠିଆ ଖାଏଲେ ଭୁଜି
ତାହାକେ ପରେ କହେସନ୍ ବଫେଇ ।
ବଡ୍‌ବଡିଆ ଘରକେ ଗଲେ ଭୁଜି ଖାଇ
ନାଇଁ ଦିଅନ୍ ଭୂଜି ତଲେ ବସେଇ ॥

ଶିକାର୍ ଦୁଇଫୁଟ୍ ଲାଗି ଲାଇନ୍ ଲାଗ୍‌ବ
ହେବ ଠେଲାପେଲା ଘିଚାଟନା ।
ଯେ ନାଇଁ ପାଏଲା ଖାଏବାର୍ ମୁଠେ ଭାତ୍
ଆଏବା ପଲେଇ ହେଇ ତନାଘନା ॥

ଲାଜେ ଯେ ହେବା ଖଲି ଧରି ଛିନ୍‌ବାର୍ କେ
ଦେଖୁଥିବା ଧୁରେ ହେଇ ଠିଆ ।
ଖାଏବାର୍ ଲୋକ୍ ଚାଏର୍ ବୁଲିଆ ଖାଏବା
ନାଇଁ ହାରେ କେତେବେଲେ ହିଆ ॥

ଗରିବ୍ ଘରକେ ଯଦି ଯିବ ଭୁଜି ଖାଇ
ଖାଏବ ପଟିଥିଁ ଚକାମାରି ବସି ।
ପେଟ୍ ପୁର୍‌ତେଲ୍ ଖାଇ ପେଟ୍ ସୁଆଁଲି
ଆସ୍‌ବ ମୁଲ୍‌କି ମୁଲ୍‌କି ହଁସି ॥

❖

# କବି ଆର୍ କବିତା

କବିତାନୁଁ କବି ନାଇଁ
ପାରେ ଅଲ୍‌ଗା ହେଇ
ଯାହା ଭାବ୍‌ସି ମନେ
କବିତା କରି ଦେସି ଲେଖି
କବିତା ବିନା କବି ନାଇଁ ପାରେ ବଁଚି ।

କବିତା ଆଏ କବିର୍
ସବୁନୁ ଭଲ୍ ସାଁଗ୍
କବିତା କେ ଛାଡି
ନାଇଁ ପାରେ ଘଡେ ରହି ।

କାଗଜ୍ କଲମ୍ ସାଁଗେ ଧରି
ବୁଲୁଥିସି ସଧାବେଲେ
ଯେନ ଯାହା ସୋର୍ ହେଲା
ଦେସି ସେନ ଗାରି ।

ମୁଡ୍ ଖଟେଇ ଖଟେଇ
ଯୁଟାସି ସୁନ୍ଦର୍ ପଦ୍
ପଢ୍‌ଲେ କବିତା
ମନ୍ କେ ଲାଗ୍‌ସି ଉସତ୍

କବିତା ସବୁଦିନେ ରହେସି ବଁଚି
ନାଇଁ ହଏ କେଭେ ତାର୍ ମରନ୍
ଯୁଗ୍ ଯୁଗ୍ ପଢ୍‌ସନ୍ କବିତା
କବିର୍ ନାଁ ରହେସି ଅମର୍ ।

❖

# ମଉସୁମି

ଖରାଥି ଧରତୀ ମାଁ
ହଉଛେ କେତେ ଡହଲ୍‌ବିକଲ୍
ମଉସୁମି ଆସିକରି ଭିଜେଇ ଦେ
ମାଁ ମାଏଟ୍‌କେ ଲାଗ୍‌ବା ଭଲ୍ ॥

ବର୍‌ଷା ରାନୀ କେ ଯୁଗିଛେ ଚଷା
ହଲ୍ ନଙ୍ଗଲ୍ ଧରି କର୍‌ବା ଜୁତା ବୁହା
ଶାଗୁଆ ଶାଢୀ ପିନ୍ଧେଇ ଧରତି ମାଁକେ
ସଜାବା ସୁନ୍ଦର୍ କରି ଦେଖ୍‌ବା ଇ ଦୁନିଆଁ ॥

ଜୀବ୍ ଜଁତୁ ମନେ ରହିଛନ୍ ଟାକି
ଭିଜାବାର୍ କେ ତାକର୍ ଦିହିଁ
ଶୁଖା ବନ୍ଧ୍ କଟାଁଥି ପୁର୍‌ବା ପାଏନ୍
ସଭକେ ଲାଗ୍‌ବା କେଡେ ଅଏନ୍ ॥

ଗଛ୍ ଖୁଟେ ପାହାଲିଁବା ପତର୍
ହଁସ୍‌ବା ସାରା ଜଗତ୍
ମଉସୁମି ରାନୀ ଆଏଲେ ତୁଇଁ
ଲାଗ୍‌ସି ସମ୍‌କେ ଉସତ୍ ॥

❖

# ଅକ୍ଷିମୁଠି

ବଏଶାଖ୍ ମାସର୍ ଉଜଲ୍ ପଖର୍
ତିନ୍‌ଦିନର୍ ଦିନେ କରସନ୍ ପାଲନ୍ ଅକ୍ଷି ତୁରତିଆ ।
ଚଷାପୋ ସକାଳୁ ଉଠି ଗାଧିପାଧି ଖେତ୍‌କେ
ଯାଏସି ଧରି ଗୁରସ୍‌ଚଉଲ୍ ହଲ୍‌ହଲିଆ ॥

ଇ ବରଷ୍ ଅଏନ୍‌କରି ଅଢିଆପାଏନ୍ ଦୁରା
ହଉ ବଲି ମାଁ ଲଖ୍‌ମିକେ କର୍‌ସି ପୂଜା ପାଠ୍ ।
ଅମରୁତ ବେଲା ଶୁଭ୍ ମହୁରତ୍ ଦେଖି
ଚାଷୀ ଭାଇ ଅକ୍ଷି ମୁଇଠ୍ ଛିଇ ଫିଟାସି ଚାଷର ବାଟ୍ ॥

ଆମର୍ ପିତୃପିତାକେ ସୋର୍ ପକେଇ
ପାଏନ୍ ଦେଇ କହେସନ୍ ମୋର୍ ଘରେ ହଅ ଠିଆ ।
ଚାଷିର୍ ଆଏ ଇଟା ପହେଲା ପରବ୍
କ୍ଷୀରିପିଠା ଉସତ୍ ମନେ କରସନ୍ ଖିଆପିଆ ॥

❖

# ବେସରମିଆଁ

ଉଧାର୍ ମାଗ୍‌ଲା ବେଲେ ପଏସା
ହେସି କେତେ ଗୁଲ୍‌ଗୁଲା ।
ପଏସା ଛୁଟ୍‌ଲା ବେଲେ ଲୋକ୍‌ଟା
କର୍‌ସି ଘାଏ ରଡାକିଲ୍ଲା ॥

ମୁହୁଁକେ ତାକର୍ କରସନ୍ ଏନ୍ତା ରକମ୍
ତର୍‌ଲି ଯିବା ମନ୍ ।
ନାଇଁ ଦିଏଁ ବଲି କହୁଥିଲେ ବି ଅଁଟୁ
ବାହାରିଯିବା ଧନ୍ ॥

ନିଜର୍ ପଏସା ମାଗ୍‌ଲେ ତାହାକୁ
କହେସନ୍ ରୁବାବ୍ କଥା ।
ନିଜେ ପଏସା ଦେଇ, ହେବ ତାକର୍‌ନୁଁ
କେତେ ରକମ୍‌ର ଅଥାବିଥା ॥

ସଧାବେଲେ ପଡୁଥିବେ ଗୋଡ୍ ତଲେ
ନାଇଁ ଥାଏ ଲାଏଜ୍ ସରମ୍ ।
ତାକର୍ କାମ୍ ହାସଲ୍ ହେଇଗଲେ
ଦେଖାବେ ହେତ୍‌କେ ଗରମ୍ ॥

ଯାହାକେ କର୍‌ବ ତୁମେ ଦୟାମାୟା
ଖାଏବ ତାର୍‌ନୁ ଲାତ୍‌ବିଧା ।
କଲିଯୁଗିଆ ମୁନୁଷ୍‌ର କଲେ ସେବା
କର୍‌ବେ ତୁମର୍ ଅସୁବିଧା ॥

❖

# ଚଷା ଲକ୍ଷେ ଜୀବ ପୁଷା

ଚଷା ଲକ୍ଷେ ଜୀବ ପୁଷା
ନିଜେ ରହେସି ଭୁକେ
ଦୁନିଆଁ କେ ଦେସି ଖାଏଦ୍
ଶୀତ୍ କାଁକର୍ ଖରା ବର୍ଷା
କର୍ସି ଚାଷ୍ ସହି ସବୁ ଦୁଖ୍
ଅରନ୍ ପାଏନ୍ ମୁଠେ ପାଇ
ଜଗତ୍ ହେସି ଖୁସ୍ ।

ଚେରେ ଚିର୍ଗୁନ୍ ଚାଁଟି ମକରା
ଚଷା କେ କର୍ସନ୍ ଆଶ୍
ଖେତ୍‌ଖଲା ବାଟେଘାଟେ ପଡ଼୍‌ସି ଯେତେ
ସେଟା ଆଏ ତାକର୍ ଭାଗ୍ ॥

ମାଏନ୍ ମନ୍‌ସା ତୁନ୍ ଶାଗ୍ କରି ଚାଷ୍
ଭର୍ସି ସବୁ ଲୁକର୍ ପେଟ୍
ଫେର୍‌ବି ଚଷା ହେସି ହୀନିସ୍ତା
ନାଇଁ ପାଏ ଠିକ୍ ରେଟ୍ ॥

ମାଏଟ୍ ସାଁଗେ ମାଏଟ୍ ହେଇ
ଖଟ୍‌ସି ଖେତେ ବାରମାସି
ନାଇଁ ରହନ୍ ଭୁକେ କେନ୍‌ସି ଜୀବ୍‌ଜଁତୁ
ସମ୍‌କିରି ମୁହେଁ ଫୁଟାସି ହଁସି ॥

❖

# ଜଂଗଲ୍ ଥିଲେ ହେବା ମଂଗଲ୍

ଜଂଗଲ୍ ନାଇଁ ଥିଲେ ନି ହୁଏ ସଁସାରର୍ ମଂଗଲ୍
ପାଏସୁଁ ତାରନୁ ପାଏନ୍ ପବନ୍ ।
କେତେ ରକମ୍‌ର ଫଲ୍‌ମୂଲ୍ ଉଷୋକଷା ମିଲ୍‌ସି
ବଁଚି ଯାଏସି ଲୁକର୍ ଜୀବନ୍ ॥

ଚେରେ ଚିର୍‌ଗୁନ୍ ଜୀବ୍‌ଜଁତୁ ଯଉଛନ୍ ହଜି
ଗଛ୍‌ଖୁଟ୍ କାଟି ବନଉଛୁଁ ଘର୍ ।
ନିଜର୍ ଖୁସି ଲାଗି ନାଇଁ ଭାବ୍‌ବାର୍ ଆଗ୍ ପଛ୍
କରିଦଉଛୁଁ ଆମେ ସମ୍‌କେ ପର୍ ॥

ଖରାନୁଁ ବଁଚ୍‌ବାର୍‌କେ ମୁନୁଷ୍ ଜାଏତ୍ ନେସନ୍
ଘରେ ଏସି କୁଲର୍ ପଂଖାର୍ ମଜା ।
ଗାଏ ଦାମୁର୍ ସାଁଗେ ଅଛନ୍ ଯେତେ ନିରିହ ଜଁତୁ
ପାଏସନ୍ ଭଟେଁ ଟିକ୍‌ରେ ସଜା ॥

ଠିକ୍ ସମିଆଁକେ ଆମେ ନାଇଁ ପାଏବାର୍ ବରଷା
ଚାଷ୍ କାମ୍ ହେଇଯଉଛେ ପଛୁଆ ।
ଗଛ୍‌ଖୁଟ୍ ଝାର୍ ଜଂଗଲ୍‌କେ ରଖିଲେ ବଅଁଚେଇ
ପାଏନ୍ ବୁନ୍ଦେ ପାଇ ହେତାଁ ଆଗୁଆ ॥

ଆଗ୍‌ତରିଆ ଯଦି ଆମେ ସଭେ ହୁସିଆର୍ ହେଇ
ଜଗାଲେ ଗଛ୍ ବଢ଼୍‌ବା ଝାର୍ ଜଂଗଲ୍ ।
ଆଗ୍‌କେ ଆମର୍ ପିଲାଛୁଆର୍ ରହେବେ ସୁଖେ
ସାରା ଦୁନିଆଁର୍ ହେବା ମଂଗଲ୍ ॥

❖

# ଦେ' ବର୍ଷି ରଝୋ ରଝୋ

ଦେ' ବର୍ଷି ଦେ' ରଝୋ ରଝୋ
ଚାଷି ଭାଇ କର୍‌ବା ଚାଷ୍ ।
ଦୁନିଆଁ ସାରା ଯୁଗାସି ଆହାର୍
କରସନ୍ ସଭେ ଆଶ୍ ॥

ଦେ ବର୍ଷି ଦେ ରଝୋ ରଝୋ
ବେଁଗ୍ ଛାଡ୍‌ବେ ରଡି ।
ମାରୁଛେ ବିଜ୍‌ଲି ଚକ୍‌ଚକ୍ ଗର୍‌ଜୁଛେ
ମେଘ୍ ଘଡ଼ିକେ ଘଡ଼ି ॥

ଦେ' ବର୍ଷି ଦେ' ରଝୋ ରଝୋ
ଉହୁଲି ଯଉ ଆଁଠେ ପାଏନ୍ ।
ଝୁରି କଁକ୍‌ରା ଘୁଲି ଭାଜି ଖାଏଲେ
ଲାଗ୍‌ସି ସତେ ଅଏନ୍ ॥

ଦେ' ବର୍ଷି ଦେ' ରଝୋ ରଝୋ
ମାଲ୍ ବାହାଲ୍ ଯଉ ପୁରି ।
ଚାଷିର୍ ହେବା କେତେ ଗହଗହ
ତାର୍ ମନ୍ ଯିବା ଭରି ॥

❖

# ମାଁ

ମାଁ ଗୋ ତୁଇଁ କେତେ ରୂପେ ଆସିକରି
ପାପି ମନ୍‌କେ କରିଛୁ ନାଶ୍ ।
ଫେର୍‌ଥରେ ଆସି ମାଁ କର୍ ସାବାଡ୍
ବଢିଗଲାନ ତାକର୍ ବାସ୍ ॥

ହଉଛନ୍ ମାଡ୍ ମର୍‌ଦନ୍ ହନାକଟା
ଧରମ୍ କେ ନାଇଁନ ଡର୍ ।
କରୁଛନ୍ ସମ୍‌କୁ ଖରାପ୍ ବେଭାର୍
ନାଇଁ ମାନ୍‌ବାର୍ ସାନ୍‌ବଡ୍ ॥

ଦୁନିଆଁର୍ ସବୁକେ ଦେଖୁଛୁ ଜାନୁଛୁ
ରହିଛୁ କାଏଁଯେ ପଡି ଚୁପ୍ ।
ପଡିଗଲାନ ସବୁଆଡେ ହାହାକାର୍
ପାପର୍ ଭାର୍ ହେଲାନ ଖୁବ୍ ॥

କେତେ ଅନିଏ ଅତିଆଚାର୍ ଦୁର୍‌ନୀତି
ଗଲାନ ସଁସାର୍ ଭିତ୍‌ରେ ବଢ଼ି ।
ଖଣା ଖର୍‌ପର୍ ଧରି ଆ ଧରାଧାମ୍‌କେ
ତୋର୍ ବାହାନ୍ ଉପରେ ଚଢ଼ି ॥

ତୁଇଁ ଏକା ମାଁ ସାହା ଭର୍‌ସା ଇ ଯୁଗର୍
ଯେତେ ନୀରିହ ଲୋକ୍‌କେ ।
ପାପି ଦୁରାଚାରି ମନ୍‌କେ କରି ସଂହାର୍
ମୁକ୍‌ଲେଇ ଦେ ପୁର୍‌ଥିକେ ॥

❖

# ସବୁ ଗଲାନ ଲୁକି

ନାଇଁ ରାଂଧ୍‌ବାର୍ ଆରୁ କିହେ
ହାଏଣ୍ ସରେଇ ପାତୁଲେ ।
ଯେନ୍‌ଆଡେ ଦେଖ ରାଂଧୁଛନ୍
ସବେ ଖାଲି ଗଞ୍ଜ୍ ପିତ୍‌ଲେ ॥

କରୁଛନ୍ ଏଭେ ଡବା ବେଭାର୍
ନାଇଁ ଉଲାବାର୍ ଶିକା ଠେକି ।
ନାଇଁନ ଆରୁ ଘରେ ଧାନ୍ ପୁରା
ଗଲାନ ପଏରଛା ଲୁକି ॥

ନାଇଁ ଆନ୍‌ବାର୍ ଘର୍‌କେ ଧାନ୍
ଫାନ୍‌ଦି ଲୁଦର୍ ଗାଡି ।
ନଉଛନ୍ ଧାନ୍ ଟାକ୍‌ଟର୍‌ଥିଁ
ବିକ୍‌ବାର୍‌କେ ସିଧା ମନ୍‌ଡି ॥

ନାଇଁ ଦିଶ୍‌ବାର୍ ଗାଆଁ ଗହଲି
ନଡା ଛାଏଁନ୍ ଖପର୍ ।
ଯେନ୍‌ଆଡେ ଦେଖ୍‌ଲେ ଦିଶୁଛେ
ଆଜ୍‌ବେଷ୍ଟର୍ ଛତ୍ ଘର୍ ॥

❖

# ରଥେ ଜଗନ୍ନାଥ

ରଥେ ବସି ଆଏଜ୍ କାଲିଆ ମାହାଁପୁରୁ
ଯଉଛେ ମାଏସି ଘର୍ ।
ସମ୍‌କେ ଦର୍ଶନ୍ ଦେବା ଚକାଆଖି
ନାଇଁ କରେ କାହାକେ ପର୍ ॥

ଲଗେଇଦେ ଥରେ ତୁଇଁ ଡୁରି ପରଭୁ
ନେଇ ଯା ତୋର୍ ପାଶ୍ ।
ବଡ୍‌ଖୁଇଲେ ରଥ୍ ଘାଏ ଘିଚ୍‌ମି ବଲି
କରିଛେଁ ମୁଇଁ ଆଶ୍ ॥

ତୋର୍ ଭାବର୍ ବଂଧନେ ହେଇଛନ୍ ବାଂଧି
ଆସୁଛନ୍ ସଭେ ଧାଇଁ ।
ଭକତ୍ ଦୁଖ୍ ଦଶା ସବୁକେ ଯାଏସନ୍ ଭୁଲି
ତୋର୍ ମୁହୁଁ ଦେଲେ ଚାହିଁ ॥

ତୁଇଁ ଏକା ଇ ଦୁନିଆଁର୍ ସାହା ଭରସା
କରିଥା ସମ୍‌କେ ଦୟା ।
ତୋର୍ ଭକ୍‌ତିଥିଁ ସଭେ ଯାଇଛନ୍ ହଜି
ଲଗେଦେଇଛୁ ମାୟା ॥

❖

# ବର୍ଷା ରାନୀ

ଖରାଥିଁ ଲାଗୁଥିସି ଡହଲ୍‌ବିକଲ୍, ଲାଗ୍‌ସି ବନେ
ତୁଇଁ ଆଏଲେ ଉତ୍‌ରି ।
ତୋର୍ ବାଟ୍ ଦେଖିଦେଖି ହେଇଗଲେ ଅଥା
ଯାଏସି ମନ୍ ବୁତ୍‌ରି ॥

ବର୍ଷା ରାନୀ ତତେ ଯୁଗିଥିସି ଇ ଦୁନିଆଁ
କରିଥିସନ୍ ସଭେ ଭର୍‌ସା ।
ଠିକ୍ ସମିଆଁ କେ ତୁଇଁ ନାଇଁ ପାର୍‌ଲେ ଆସି
ଭାଙ୍ଗିଯାଏସି କେତେ ଆଶା ॥

ଚଷା ମନ୍‌କେ ଜାନିକରି କେତେବେଲେ କେନ୍ତା
ଦେଲେ ବର୍ଷି ଅଛ୍‌ରେ ।
ଦୁଖ୍‌ଦଶା ସହି ଇ ସଂସାର୍‌କେ ପାଲିନେସି
ଜନା ନିପଡେ ବଛ୍‌ରେ ॥

ଦେଲେ ରଝୋରଝୋ ବର୍ଷି ଲାଗ୍‌ସି ଉସତ୍
ଚାଲ୍‌ସି ରୁଆ ବିହିଡା ।
ନଏଦ୍ ନଲିଆ ବାହାଲ୍ ମାଲ୍ ଯାଏସି ପୁରି
ପଲେଇ ଆଏସି ଟୁଡା ॥

ସବୁ ଜୀବ୍‌ଜଁତୁ ପେଟ୍‌କେ ମିଲ୍‌ସି ମୁଠେ ଦାନା
ହେସନ୍ କେତେ ଗହଗହ ।
ଚାଷି ଭାଏ ମନ୍ ଦେଇକରି କର୍‌ସି ଚାଷ୍‌ବାସ୍
ହଉବଲି ଜହଜହ ॥

❖

# ନୂଆଁଖାଇ ପରବ୍

ଭୁଦୋ ମାସର୍ ଉଁକିଆ ପଖର୍ ପଁଚ୍‌ମି ତିଥି
ହେସି ପରବ୍ ନୂଆଁଖାଇ ।
ଯେ ଯେତେ ଧୁରେ ଥିଲେ ବି ଇ ଦିନେ ସଭେ
ଘର୍‌କେ ଆଏସନ୍ ଧାଇଁ ॥

ମାଁ ସମ୍‌ଲେଇ, ଗାଁର୍ ଗୁଡିନ ଦେବୀ ମନ୍‌କେ
ଲଗାସନ୍ ଆଘୋ ନୂଆଁ ।
ଝାଁକର୍ ବୁଢା ଘର୍ ଘର୍ ବାଁଟିସାର୍‌ଲା ପରେ
ଖାଏସୁଁ ତାପ୍‌ରେ ନୂଆଁ ॥

ନୂଆଁଖାଇ ଦିନ ପହପହକେ ବନାସନ୍ ଚୁରା
ଢେଁକିଥି କୁଟି ଧାନ୍ ।
ଗୁଟେଠାନେ ଘରର୍ ସଭେ ହେସନ୍ ଠୋଲ୍
ସାରି ସବୁ କାମ୍‌ଧାମ୍ ॥

ଦନାଥିଁ ସମ୍‌କୁ ଦେସି ନୂଆଁ ଧାନର୍ ଚୁରା
ଘରର୍ ଯେ ଆଏ ସିଆନ୍ ।
ବଡ୍ ଲୋକ୍‌କେ ମାରସନ୍ ମୁଡିଆ ଦେସନ୍
ଆଶୀର୍ବାଦ ଯେ ଆଏ ସାନ୍ ॥

❖

# କପଟି ବଂଧୁ

ଦୁଖେ ଅଭାବେ ଅନାଟନେ ଯେନ୍ ସାଂଗ୍
ପାଖେ ଆସି ହେସି ଠିଆ ।
ସେ ତ ଆଏ ଆମର୍ ପର୍କୁତ୍ ବଂଧୁ
ନାଇଁ ହାରୁଁ କେଭେ ହିଆ ॥

କବାର୍ ବେଲେ ଯେ ନାଇଁ ଦିଏ ଦେଖା
ତାକେ ନାଇଁ କର ଭରଷା ।
ସମିଆଁ ପଡ଼୍ଲେ କହିଦେବା ଏନ୍ତା କଥା
ଗିଲି ନାଇଁ ପାର ଗର୍ସା ॥

ଦୁଖ୍ ହଉ କି ସୁଖ୍ ହାନି ହଉ କି ଲାଭ୍
ଯେ ଅଛେ ତୁମର୍ ସାଂଗେ ।
ସଧାବେଲେ ତାହାକେ ସୋର୍ କରିଥିବ
ମନ୍ କେଭେ ନାଇଁ ଭାଂଗେ ॥

ନିଜର୍ ଜୀବନ୍ କେ ଯିଏ ତଲେ ପକେଇ
ଦଉଛେ ଆମ୍‌କେ ସାଥ୍ ।
ସେ ତ ଆଏ ଗୁଟେ ମାହାପୁରୁ ଲେଖେନ୍
ନାଇଁ ଛାଁଡ୍‌ବ ତାର୍ ହାତ୍ ॥

ଆଗ୍‌ଆଡେ କହୁଥିସି ଅଏନ୍ ଅଏନ୍ କଥା
ପଛେ କରୁଥିସି କପଟ୍ ।
ହେନ୍ତା ଲୁକର୍ ପାଖ୍‌କେ ନାଇଁ ଯିବ କେଭେଁ
ଧୁରୁ ମାରିଥିବ ଚଂପଟ୍ ॥

ଉପ୍‌ରେ ଉପ୍‌ରେ କରୁଥିବେ ସାହେଜ୍
ଭିତ୍‌ରେ ଥିବା ରାଗ୍ ।
ଯେତେ ଜଲ୍‌ଦି ପାରୁଛ ଏନ୍ତା ବଂଧୁନୁଁ
ସାଂଗ ଛାଡିକରି ଭାଗ୍ ॥

❖

# ମୋର୍ ଭାରତ୍ ମହାନ୍

ଶାନ୍ତି ଦୟା କ୍ଷେମା ଅଛେ ଯେନ୍‌ଠାନେ
ସେଟା ଭାରତ୍ ବରଷ୍ ।
ସବୁ ଜାଏତ୍ ଧରମ୍ ରହେସନ୍
ମନ୍‌କେ କରି ହରଷ୍ ॥

ହିନ୍ଦୁ ଖ୍ରୀଷ୍ଟିଆନ୍ ଶିଖ୍ ମୁସ୍‌ଲିମ୍
ସଭେ ଆଉଁ ଆମେ ଗୁଟେ ।
ମିଲିଗୁଲି ଦେଶର୍ କରସନ୍ ସେବା
ନାଇଁ ହୁଏ ଢିଲା ମୁଟେ ॥

ଭାରତ୍ ମାଁର୍ ଗେଲ୍‌ହା ଛୁଆ ଆମେ
ନାଇଁ କରେ କାହାକେ ପର୍ ।
ସମ୍‌କେ ତାର୍ କୂଲେ ଠାନ୍ ଦେସି
ନାଇଁ ଭାଂଗେ କା'ର୍ ଘର୍ ॥

ଗଂଗା ଯମୁନା ସର୍‌ସତି ନଏଦ୍
ଯାଇଛେ ଇଠାନେ ବୁହି ।
ସେ ପବିତର୍ ପାନି ଦେଲେ ଗୁଟେ ବୁଡ୍
ସବୁ ପାପ୍ ନେସି ଦୁହି ॥

ଭାରତ୍ ମାଟି ହେଇଥିଲେ ଜନମ୍
ରାମ୍ କୃଷ୍ଣ ଭଗବାନ୍ ।
ସେ ପବିତର୍ ମାଟି ନେଇଛୁଁ ଜନମ୍
ଆମେ କେଡେ ଭାଗ୍ୟବାନ୍ ॥

ଭାରତ୍ ମାଁର୍ ଲାଗି ଦେଇଛନ୍ ଜୀବନ୍
ଆମର୍ ବୀର୍ ଯବାନ୍ ।
ତାହାକୁ କର୍‌ମା କୋଟି କୋଟି ସଲାମ୍
ରଖିମା ତାକର୍ ମାନ୍ ॥

❖

# ପର୍‌ଭୁ କୃଷ୍ଣ

ସଂସାରେ ବଢ଼ିଗଲା ବଲି ପାପର୍ ଭାର୍
କୃଷ୍ଣ ନେଲେ ଜନମ୍ ।
କଂସ୍ କେ ମାରି ନିରିହ ଲୁକ୍‌କେ ବଂଚେଇ
କଲେ ବଢେ କରମ୍ ॥

ଶକଟା ବକା ପୁତୁନା ଅସୁର୍ କେ ମାରି
ଜଗତ୍ କଲ ଉଧାର୍ ।
କେତେ ଲୁକର୍ ଜୀବନ୍ ବଁଚାଲ ତୁମେ
ରକ୍ଷା ପାଏଲା ସଂସାର୍ ॥

ଘରୁ ଦହି ମହି ଚୁରେଇ ଖାଇ କରି
ଲଗାଲ କେତେ କଲି ।
ଗୋପିମାନ୍‌କର୍ ସାଂଗେ କରୁଥିଲ ଲିଲା
ଖାଉଥିଲ ତୁମେ ଗାଲି ॥

ଗରିବ୍ ସୁଦାମ୍ ସାଂଗେ ସାଂଗ୍ ହେଇ
ଦେଲ ତାହାକେ ଧନ୍ ।
ଧଏନ୍ ହେଲା ଇ ସଂସାର୍ ଦେଖି କରି
ତୁମର୍ ସଫା ମନ୍ ॥

ଦ୍ରୁପଦିକେ କୋଟି ବସ୍ତର କରି ଦାନ୍
ରଖିଲ ତାର୍ ମାନ୍ ।
ତୁମର୍ ପାହା ତଲେ କୋଟି କୋଟି ମୁଡିଆ
ହେ କୃଷ୍ଣ ଭଗ୍‌ବାନ୍ ॥

❖

# ଗୁରୁ

ପାଠ୍ ପଢେଇ ଦେଖାସନ୍ ଅଏନ୍ ବାଟ୍
ସେ ଆଏ ଆମର୍ ଗୁରୁ ।
ଉପର୍ କେ ନାଇଁ ପାରନ୍ ଉଠି କେଭେ
ତାହାକୁ ଭାବ୍‌ଲେ ସୁରୁ ॥

ହାତ୍ ଧରି ଦେଖାସନ୍ ଉଁକିଆର୍ ବାଟ୍
ରଖିଛନ୍ ଗ୍ୟାଁନ୍ ଭଁଡାର୍ ।
ଗୁରୁ ଯଦି ହେଇଥିବେ ତୁମ୍‌କେ ସାହା
ଜୀବନ୍ ନାଇଁ ହୁଏ ଅଁଧାର୍ ॥

ତାଁକର୍ ସାହାର୍ ପାଇକରି ଦୁନିଆଁଥିଁ
ହେଇଛନ୍ କେତେ ମୁନୁଷ୍ ।
ଯେ କରିଛେ ଗୁରୁ ନାଁରେ ବଦ୍‌ନାମ୍
ନାଇଁ ରହି କେଭେ ଖୁସ୍ ॥

ଯାହାର୍ ଠାନୁ ଆମେ କିଛି ପାର୍‌ସୁଁ ଶିଖି
ତାହାକୁ ମାନ୍‌ମା ଗୁରୁ ।
ଶିଖାସନ୍ ସବୁବେଲେ ଅଏନ୍ କଥା
ସେ ତ ଗୁଟେ ମହାମେରୁ ॥

ଶିଖାଲା କଥା ସବୁକେ ମାନ୍‌ଲେ ଚଲି
ହେମା ଆମେ ସଫଲ୍ ।
ସହଜିଆ ହେବା ଆମର୍ ଚାଲ୍‌ଲା ବାଟ୍
ନାଇଁ ହଉଁ କେଭେ ବିଫଲ୍ ॥

ଆମର୍ ଭଲ୍ ଲାଗି କହେସନ୍ ବନେ କଥା
ଦେମା ସେଟାକେ ଧିଆନ୍ ।
ତାକର୍ ସବୁ କଥା କେ ଶୁନ୍‌ଲେ ଅଏନ୍ କରି
ବଢ଼୍‌ବା ଆମର୍ ଗିଆନ୍ ॥

❖

# ଲଗା ଭକ୍ତି ଭାବେ ମନ୍

ଧନର୍ ପଛେ ନର୍ଦି ନର୍ଦି
ନାଇଁ ହୁଅ ଆରୁ ଅଥା
ଭକ୍ତି ଭାବେ ଲଗ ତୁମର୍ ମନ୍
ଶୁନ ମାହାପୁରୁ କଥା ॥

ଦୁଇ ଦିନ୍ ଲାଗି ଆସିଛୁଁ ଆମେ
କର୍ମା ଅଏନ୍ କାମ୍ ।
ସମିଆଁ ପାଏଲେ ହଁସିଖୁସିଥିଁ
ଧର୍ମା ପର୍ଭୁ ନାମ୍ ॥

ଭଗ୍‌ବାନ୍ ନାଁ ରେ ଅଛେ ସତେ
ଗତି ମୁକ୍ତିର୍ ବାଟ୍ ।
ତାର୍ ଭାବର୍ ବଂଧନେ ବାଂଧି ହେଇ
ସରିଯିବା ଜୀବନ୍ ନାଟ୍ ॥

ଭକ୍ତି ଭାବ୍ ଥିଲେ ଆମର୍ ମନେ
ନାଇଁ ପଡୁ ଅର୍‌କଲେ ।
ଜୀବନ୍ ଡଂଗାକେ ସେ ବାହିନେବେ
ଜନା ନାଇଁ ପଡେ କଲେକଲେ ॥

ରାଗ୍ ରିସ୍ମି ହିଁସା ହଁକାର୍‌କେ
ମନ୍ ଭିତ୍ରୁ ଯଅ ଭୁଲି ।
ପର୍ଭୁ ନାଁ କେ ଜପି ଜପି ମନେ
ଜୀବନ୍ ଯଉ ଟଲି ॥

❖

# ଭାଏ ଜିଇଁତିଆ

ଭାଏର୍ ଲାଗି ବୁହେନ ଉପାସ୍ ରହି
କର୍‌ସି ଜିଇଁତିଆ
ଦାଦା ଭାଏ ଅଏନ୍ କରି ରହୁନ୍ ବଲି
ରହେସି ଅଖିଆ ପିଆ ॥

ଦଶ୍‌ରା ଉଜଲ୍ ପଖ୍ ଅଷ୍ଟମି ଦିନେ
ଦୁର୍ଗା ଠାନେ କର୍‌ସି ପୂଜା ।
ନାଇଁ ଦେବୁ କେଭେ ମନେ ଦୁଖ୍ ଦଶା
ମାଁଗୋ ମୋର୍ ଦଶ୍ ଭୂଜା ॥

ଭାଏ ବୁହେନ୍‌ର ସେନ୍‌ହୋ ସର୍‌ଧାର୍
ଆଏ ଗୁଟେ ବଡ଼୍‌ଖା ତିହାର୍ ।
ମାଁର୍ ଠାନେ କର୍‌ସନ୍ ବିନ୍‌ତି ଗୁହାରି
ଧରି ଫଲ୍‌ମୂଲ୍ ଲିଆ ଜୁଗାର୍ ॥

କରୁଣାମୟୀ ମା ଦେବୀ ହେଲେ ସାହା
ସୁଖେ କର୍‌ସନ୍ ବାସ୍ ।
ତାର୍ ଆଶିର୍‌ବାଦ୍ ଟିକେ ପାଏବାର୍‌କେ
ରହେସନ୍ ନିର୍ଜଲା ଉପାସ୍ ॥

ଭାଏକେ ବୁହେନ୍ ଜିଇଁତିଆ ପିନ୍ଧେଇ
ବଢ଼ାସି ତାର୍ ଭାବ୍ ।
ହାତ୍ ଯୁଡ଼ି ମାଁ ଠାନେ କର୍‌ସି କାମ୍‌ନା
ନାଇଁ ରହୁ କେଭେ ଅଭାବ୍ ॥

❖

# ଭାବ୍

ମାଆଁ ବୁଆ ଆଏ ଜିଁତା ମାହାପୁରୁ
ତାହାକୁ କର ପୂଜା ।
ଦିନ୍ ରାଏତ୍ କଲେ ତାକର୍ ସେବା
ନାଇଁ ମିଲେ କେଭେ ସଜା ॥

ସେଓ ସାନ୍ତରା ନଡ଼ିଆ କଦଲୀ ଦେଇ
ଲଗଉଛ ତାର୍ ଭୋଗ୍ ।
ଉଷୋକଷା ଟିକେ ନାଇଁ ଆନ୍‌ବାର୍
ହେଲେ କାହାକେ ରୋଗ୍ ॥

ଯାହାର୍ ସଂପତ୍ତି ତାହାକେ କଲେ ଦାନ୍
କାଏଁଟା ମିଲବା ଲାଭ୍ ।
ବନେ ହେତା ଲୁକ୍‌କେ କଲେ ସାହେଜ୍
ମନେ ରଖ୍ୱି ମୁନୁଷର୍ ଭାବ୍ ॥

ଭିକାରି ଗରିବ୍ ପେଟ୍ କେ ମୁଠେ ଦେଇ
ମୁହେଁ ଫୁଟାଲେ ହସି ।
ମାହାପୁରୁ କେ ନାଇଁ ଲାଗେ ପୂଜାପାଠ୍
ଆପେ ହୃଦେ ଯିବେ ବସି ॥

ଦିନ୍ ରାଏତ୍ ହରି ନାମ୍‌କେ ଧରି
ଜପୁଛ ଜପାମାଲି ।
ଅଏନ କରି କଥା ପଦେ ନାଇଁ ହୁଅ
ଦେସ ଲୋକ୍‌କେ ଗାଲି ॥

❖

# ଲଖିଁ ପଲାଲେ ଦେଉଲ୍ ଛାଡ଼ି

ସକାଲୁ ସକାଲୁ ଲଖ୍‌ମି ଦେବୀ
ବାହାରିଲେ ଗାଆଁ ବୁଲି ।
ଚଁଡାଲେନ୍ ପୂଜାଥିଁ ହେଇ ଉସତ୍
ତାର୍ ଘର୍‌କେ ଗଲେ ଢୁକି ॥

ବର୍ ଦେଇ ଘରୁ ବାହାରିଲା ବେଲେ
ଦେଖିଦେଲେ ବଲିଆ ।
ଅଛୁଆଁ ଘର୍‌କେ ପଶିଗଲେ ବଲି
ବାହାର୍ କଲେ କାଲିଆ ॥

ପିନ୍ଧିଥିଲେ ଯେତେ ଅଲଂକାର୍ ଗହନା
ଦେଇଦେଲେ ସବୁ ଖୁଲି ।
ବାର୍ ବଛର୍ ଅରନ୍ ନାଇଁ ମିଲୁ କହି
ଦେଉଲନୁଁ ଗଲେ ଚାଲି ॥

ସୁନାର୍ ଖଟ୍ ଭଁଡାର୍ ଘରର୍ ସଂପତି
ସବୁଗଲା କେନ୍‌କେ ଉଭି ।
ଖାଏବାର୍ କେ ନାଇଁ ପାଏଲେ କିଛି
ଭୁକେ ଗଲା ଦିନ୍ ସରି ॥

ଲଖିଁ ଦେବୀ ଆଏ ଦେବୀ ନାରାୟଣୀ
ଦେଲେ ତାହାକୁ ଅପମାନ୍ ।
ବାର୍ ବଛର୍ ତକ୍ ବାହାରେ ବୁଲି ବୁଲି
ହରାଲେ ମାନ୍ ସନ୍‌ମାନ୍ ॥

❖

# ଅଦିନିଆଁ ଝରି ଚଷାର୍ ବଇରି

ଯେଭେ ପାଏନ୍‌କେ ପଡୁଥିଲା ନୁରା
ନାଇଁ ଦଉଥାଇଁ ଦେଖା ।
ଶରାବନ୍ ମାସେ ମାଲ୍ ବାହାଲ୍
ପଡିଥିଲା ହେଇ ଶୁଖା ॥

ଧାନ୍‌କଟା ସମିଆଁକେ ରଝୋରଝୋ
ପାଏନ୍ ଦଉଛେ କୁଟି ।
ଡୁଲିଥିଁ ଧାନ୍ ଗଲାନ କୁହିବିଲି
ଛାତି ଯଉଛେ ଫାଟି ॥

ଧୁକା ପବନ୍ ହେଇ ତଲେ ପଡି
ବାହାରିଗଲାନ ଗଜା ।
କେତେ ଦୁଖ୍ ସହି କରିଥିସି ଚାଷ୍
ଫେରବି ପାଉଛେ ସଜା ॥

ଚାଷୀ କମେଇ କୁଠେଇ ସଁସାର୍‌କେ
ଦେସି ମୁଠେ ଅରନ୍ ।
ମାଟିର୍ ସାଁଗେ ମାଏଟ୍ ହେଇ ଚଷା
ଚାଷେ ଲଗାସି ମନ୍ ॥

ଅଦିନିଆଁ ମେଘ୍ ଆସିକରି ଯଉଛେ
ସଲ୍‌ସଲ୍ ପାଏନ୍ ଝରି ।
ଇନ୍ଦର୍ ରଜା ବି ସାହା ନି ହେବାର୍
ସାଜିଛେ ଚାଷର୍ ବଇରି ॥

❖

# ଅହଁକାର

ମନ୍ ଭିତ୍‌ରୁ ହିଁସା ହଁକାର୍ ଛାଡି
ପରଭୁ ନାଁ ଟୁଡେଁ ଥ’ ଧରି ।
ପରହର୍ ନିନ୍ଦାଥିଁ ନାଇଁନ ଲାଭ୍
ହରି ନାଁରେ ଯିବ ତରି ॥

ମୁନୁଷ୍ ମୁନୁଷ୍‌କେ କରି ଅହଁକାର୍
ହଉଛନ୍ ହନାକଟା ।
ଯଉଛେ ସଁସାରେ କେତେ ଜୀବନ୍
ଯାହାର୍ କରମ୍ ଫଟା ॥

ଭାଇଦାଇ କରି ରହେଲେ ପଟି
ସୁଖେ ଯିବା ଦିନ୍ ବିତି ।
ରାମ୍ ନାମ୍ କଲେ ଜପାମାଲି
ପାଏବ ଅଏନ୍ ଗତି ॥

ନିଜର୍ ରାଗ୍ ରିସ୍‌ମି ଅହଁକାର୍‌କେ
ନିଜେ କର୍‌ଲେ ଆଏତ୍ ।
ହସିଖୁସି ଯିବାକଟି ସାରା ଜୀବନ୍
ନାଇଁ ହଏ କିଛି ଖଏତ୍ ॥

❖

# ଜୁଆ

କୋଟିପତି ହେମି ବଲି ଦିନ୍ ରାଏତ୍
ଖେଲୁଛନ୍ କେତେ ଜୁଆ ।
ହାରିଗଲେ ମୁହୁଁମାଡି ହେଇପଡି
କାନ୍ଦୁଛନ୍ ବୁଆ ବୁଆ ॥

ଖାନା ପିନାକେ ପାସ୍‌ରି ଦେଇକରି
ଲାଗିଛେ ସେଥି ନିଶା ।
ଦିହିଁ ପା କେ ନାଇଁ କର୍‌ବାର୍ ନିଘା
ଖେଲ୍ ତାକର୍ ପେଶା ॥

ଜମିବାଡି ବିକି ଭାଁଜି କରି ସବୁ
ପଏସା ଦେଲନ ସାରି ।
ଘର୍‌ଦୁଆର୍ କିଛି ନାଇଁ ନ ଆରୁ
ଗଲନ ସବୁ ହାରି ॥

ପଏସା ପତର୍ କନ୍‌ତର୍ ଆନି
ନାଇଁ ପାରବାର୍ ସୁଝି ।
ଫେର୍‌ବି ସେଟା ନାଇଁ ପାରୁଛ ଛାଡି
କଥାକେ ପାର୍‌ବା ବୁଝି ॥

ନିଜର୍ କଥା ନାଇଁ ଭାବ୍‌ଲେ ନାଇଁ
ପିଲାଛୁଆର୍ କର ଉଧାର୍
ତାଁକର୍ ଭବିଷତ୍ କର ଉଁକିଆ
ନାଇଁ କରିଦିଅ ଅନ୍ଧାର୍ ॥

❖

# ଦୁର୍ନୀତି

ଗରିବ୍ ଆଏ ବଲି ସେ ପାଏସି
ପ୍ରଧାନ୍ ମନ୍ତ୍ରୀ ଆବାସ୍ ।
ନାଇଁ ଦେଲେ ଲାଁଚ୍‌ଖୁଚ୍ ପଏସା
କରିଦେସନ୍ ନିରାଶ୍ ॥

ଧନୀ କି ଗରିବ୍ ନାଇଁ ନ ଫରକ୍
ଟଁକା ଦେଲେ ଘର୍ ପକ୍କା ।
ବିନ୍ ପଏସେ ନାଇଁ ଶୁନନ୍ ଗୁହାରି
ମାର୍‌ବେ ଖାଲି ହବ୍‌କା ॥

ଠକି ଭଣି ନେଇଯିବେ ପଏସା
କରିଦେମୁ ବଲି ଭତା ।
ନାଇଁ କରିଦେଇ ପାରନ୍ ସେ କାମ୍
ଫରମ୍ ଭରି ହେବ ଅଥା ॥

ବେଲେ ଖାଇ ବେଲେ ଯେ ରହେସି ଭୁକେ ।
ନାଇଁ ପାଏ ସେ ଚଉଲ୍ ।
ଯାହାର୍ ପାଖେ ଥିବା ମଟର୍‌ଗାଡି
ତାର୍ ନାଁ ନାଇଁ ହୁଏ ଭୁଲ୍ ॥

ଗରିବ୍ କେ ମାରି ନିଜର୍ ପେଟ୍ ପୁଷ
ସେଟା ତାକର୍ ନୀତି ।
ଭୁଜି ଖାଇ ତାହାକୁ ବସେଇଛ ଗାଦି
ନାଇଁ କର୍‌ବେ ଦୁର୍ନୀତି ॥

❖

# ପୁଲିସ୍ ଚାକ୍ରି

ପୁଲିସ୍ ଚାକ୍ରି କରୁଛୁଁ ବଲି
ଲାଗ୍‌ସି କେତେ ଉସତ୍ ।
ସହଜେ ଆମ୍‌କୁ ନାଇଁ ମିଲେ ଛୁଟି
କର୍‌ସୁଁ କସ୍‌ରତ୍ ॥

ତେର ମାସିଆ ଦର୍‌ମା ନେସୁଁ ବଲି
କରମୁ ଖାଲି ଡ୍ୟୁଟି ।
ଦିନ୍ ରାଏତ୍ ଆମେ ଖଟ୍‌ମୁ ଇନେ
ନାଇଁ ଯଉଁ କେଭେ ଛୁଟି ॥

ନାଇଁନ ଆମର୍ ମାଁ ବୁଆ ପିଲା ଛୁଆ
ତାକର୍ ଅଛେ କୁଟୁମ୍ ।
ମାସ୍‌କ ଚାଏର୍ ଥର୍ ଯିବେ ଘର୍
ନାଇଁନ କାହାର୍ ହୁକୁମ୍ ॥

ଛୁଟିଆ କରମ୍‌ଚାରି ତିନ୍ ମାସେ
ମାଗ୍‌ସନ୍ ଥରେ ଛୁଟି ।
ସେତ୍‌କିଥି ଏନ୍‌ତା କଥା କହେବେ
ନାଇଁ ଫିଟେ କାହାର୍ ପାଟି ॥

❖

# ମଣ୍ଡି

ଖରା ବର୍ଷା ଶୀତ୍ କାଁକର୍ ସହି
ଚାଷୀ କର୍ସି ଚାଷ୍ ।
ବିକ୍ଲାବେଲେ ମଣ୍ଡିଥି ହେସି ରକମ୍
ବେକେଁ ଦେଇଦେବ ଫାଶ୍ ॥

ଯେ ଟିକେ କରିଦେଲେ ରଡାଗଗା
ସେ ବିକୁଛେ ଖାଲି ଧାନ୍ ।
ଅଲ୍ଗା ଲୋକ୍ ଆସୁଛନ୍ ପଲେଇ
ସୁଆଁଲି ମୁଡ୍କାନ୍ ॥

ମିଲ୍ ମାଲିକ୍ କାଣା ଜାନ୍ବା ଦୁଖ୍
ଠକି କମାସି ପଏସା
ଖେତ୍କେ ଯାଇକରି ଖଟ୍ଲେ ଜାନ୍ତା
ମିଲ୍ସି କେତେ ଦଶା ॥

❖

# ମାଁ ସମଲେଶ୍ୱରୀ

ତୋର୍ ନାଆଁ କେ ଧରି ଚାଲୁଛେଁ ବାଟ୍
ମାଁ ମୋର୍ ସମ୍‌ଲେଇ ।
ବିପଦ୍ ଆପଦ୍ ବେଲେ ହେଲେ ସାହା
ସବୁ ଯାଏସି ଦୂରେଇ ॥

ତୋର୍ ପିଲାଛୁଆ ଆମେ ମାଁ ସମ୍‌ଲେଇ
ରଖିଥିବୁ ପନତ୍ ଢାପି ।
ତୋର୍ ନାଁ ଶୁନ୍‌ଲେ ଥରୁଥିସନ୍
ଅଛନ୍ ଯେତେ ପାପି ॥

ମାଁ ବଲି ଥରେ ଡାକିଦେଲେ ତତେ
ମିଲ୍‌ସି ସବୁ ସୁଖ୍ ।
ଜଗତ୍‌ଜନନୀ ମାଁ ସମ୍‌ଲେଶିରି
ଦୁର୍ କର୍‌ସୁ ଦୁଖ୍ ॥

❖

# ଫୁଷ୍‌ପୁନି

ଚାଷୀ ଦୁଖ୍ ଦଶା ସହି ଘରେ ରଖ୍‌ସି
ବଚ୍ଛରକର୍ କମାନି ।
ମଡା ସୁଆଁଲି ପିଠା ପନା କରି
ମନାସି ଫୁଷ୍‌ପୁନି ॥

ଧାନ୍‌ଚଉଲ୍ ମଡେଇ ରଖ୍‌ଥିସି
ଅଢିଆ ପାଏନ୍ ଢୁକେ ।
ବଚ୍ଛରେ ତାର୍ କୁଟୁମ୍ ଚଲିଯାଏସି
ନାଇଁ ରହେ ଭୁକେ ॥

ଚାଷୀ ଭାଇ ଲାଗି ଫୁଷ୍‌ପୁନି
ଆଏ ବଢେ ତିହାର୍ ।
ଉସତ୍ ମନେ ଇ ଦିନେ ଖାଏସି
ଭୁଜିଭାତ୍ ଶିକାର୍ ॥

ଗାଁର୍ ଖୁଲି ମାଗ୍‌ସନ୍ ଛେର୍‌ଛେରା
ଲାଗ୍‌ସି ଗହଗହ ।
ପିଠାପନାଥିଁ ଗାଁର୍ ଚାରିକୁତି
ମହକି ଯାଏ ମହମହ ॥

ଢୋଲ୍ ନିଶାନ୍ ତାସା ସୁରେ ନାଚ୍‌ସନ୍
ସଭେ ମିଲିମିଶି ।
ଦୁଲ୍‌କି ଯାଏସି ଇ ଦିନେ ଗାଁ ସାରା
ଲାଗ୍‌ସି ସତେ ଖୁସି ॥

❖

# ଶିରି ପଂଚମି

ମାଘ୍ ମାସର୍ ଉଜୋଁର୍ ପଖର୍
ପଂଚମି ତିଥି ।
ଇ ଦିନେ ପୂଜା ପାଏସନ୍ ବିଦ୍ୟାଦାତ୍ରୀ
ମାଁ ଦେବୀ ସରସ୍ୱତୀ ॥

ହାଁତେ ଥିସନ୍ ଧରି ବହି ବିଣା
ପଦମ୍‌ଫୁଲେ ବସି ।
ତାହାକେ ଦେସନ୍ ପାଠ୍ ସାଂଗେ ବୁଧି
ଯାହାକେ ହେସନ୍ ଖୁସି ॥

ତୋର୍ ଦୟା ବଲେ ମୁରୁଖ୍ କାଲିଦାସ୍
ହେଇଥିଲେ ପଂଡିତ୍ ।
କେତେ କାବ୍ୟ କବିତା ଲେଖିକରି
ଦୁନିଆଁର କଲେ ହିତ୍ ॥

ଶରଧା ମନେ ଦେବୀ କେ କଲେ ପୂଜା
ଭରିଦେସନ୍ ପାଠ୍ ।
ଖରାପ୍ କାମ୍ କେ ବଢାଲେ ହାତ୍
ବତାସନ୍ ଅଏନ୍ ବାଟ୍ ॥

ମୁରୁଖ୍ ଲୋକ୍ କେ ହେଇ ମା ସାହା
କର୍ ଅଏନ୍ ମୁନୁଷ୍ ।
ବନେ କାମ୍ କରି ଦୁନିଆଁ ରହୁ ନାଁ
ହଉନ୍ ସଭେ ଖୁସ୍ ॥

❖

# ଇଟା ସେ ବାଟ୍

ଇଟା ସେ ବାଟ୍ ଇ ବାଟ୍ ଦେଇ ଯାଇଛେ
କେତେ ଲାସ୍ ମଶାନ୍ ପଦା ।
ଇଟା ସେ ବାଟ୍ ବିହାବରପନ୍ ବେଲେ
ନାଚିଛନ୍ ଗଦାଗଦା ।।

ଇଟା ସେ ବାଟ୍ ଇ ବାଟେ ହେଇଛେ
ନାଟ୍ କୀର୍ତନ୍ ଡଁଣ୍ ପାଲା ।
ଇଟା ସେ ବାଟ୍ ଇ ବାଟେ କରିଛନ୍
ମାର୍ ମରଦନ୍ ଝମେଲା ।।

ଇଟା ସେ ବାଟ୍ ଇ ବାଟେ ଯାଇଛନ୍
ପିଲାଛୁଆ ପଢିପାଠ୍ ।
ଇଟା ସେ ବାଟ୍ ଇ ବାଟ୍ ସହିଛେ କେତେ
ଗାଡିମଟର୍‌ର ମାଡ୍ ।।

ଇଟା ସେ ବାଟ୍ ଇ ବାଟ୍ ଦେଖିଛେ ଲୁକର୍
ହସିଖୁସି ଦୁଖ୍‌ଦଶା ।
ଇଟା ସେ ବାଟ୍ ଇ ବାଟ୍ କୁନ୍ଦାସାଖି ହେଇ
କରିଛେ ପର୍‌ଦା ଫାଶ୍ ।।

❖

# ମୁନୁଷ୍ ଜୀବନ୍

ସବୁ ଜୀବର୍‌ନୁ ବଡ୍ ଜୀବ ଆଏ
ଆମର୍ ମୁନୁଷ୍ ଜୀବନ୍ ।
ମିଲିମିଶି ରହ ସମ୍‌କର୍ ଠାନେ
ସଫାସୁତ୍‌ରା ରଖି ମନ୍ ॥

ଗାଲି ଝଗର୍ ମାଡ୍ ମର୍‌ଦନ୍‌ଥିଁ
ନାଇଁ ମିଲେ କିଛି ଲାଭ୍ ।
ସଂସାର୍ ଭିତ୍‌ରେ ପଟିଉଟି ରହି
ଲୁକର୍ ସାଂଗେ ଥଉ ଭାବ୍ ॥

ମଲାପରେ ସାଂଗେ ନାଇଁ ନଉଁ କିଛି
ହେଇଯିମା ମୁଠେ ଖାର୍
ମୋର୍ ମୋର୍ କହି ହେମା ଘାଁଟିସାନି
ଲୋଭ୍ କର୍‌ବାର୍‌ଟା ସାର୍ ॥

ମୁନୁଷ୍ ଜୀବନ୍ ପାଏନ୍ ଫଟ୍‌କା
କେତେବେଳେ ଯିବା ଫାଟି ।
ଦୁନିଆଁଥିଁ ଅଏନ୍ କାମ୍ ଟିକେ କରି
ହସିଖୁସି ଦିଅ ବାଁଟି ॥

ଆଏଜ୍ ଅଛୁଁ କାଏଲ୍ ଯିମା ପଲେଇ
ଗରବ୍ ନାଇଁ କର ଧନେ ।
ଲୁକର୍ ସାହେଜ୍ କରିଥିଲେ ଟିକେ
ସୋର୍ ରଖିଥିବେ ମନେ ॥

❖

# ଫଗୁନ୍ ମାସର୍ ବଉଲି

ମାଘ୍ ଯାଇକରି ଆଏଲା ଫଗୁନ୍
ଗଛେ ହେଲା ନୂଆଁ ପତର୍ ।
ଚାରିଆଡେ ଶାଗୁଆ ବରନ୍ ହେଇ
ଧରତି ଦିଶୁଛେ ସୁନ୍ଦର୍ ॥

ଆମ୍ ବଉଲ୍ ଗଛେ ହେଇଛେ ଛାଇ
ମନ୍‌କେ ନଉଛେ ମୁହି ।
ବଉଲିଆ ଧୁକା ମାରୁଛେ କେତେ
ଛନ୍‌କେ ଘଡେ ରହି ॥

ମାସ୍ ଭିତ୍‌ରେ ରଜା ଫଗୁନ୍ ମାସ୍
ଲାଗ୍‌ସି ସତେ ଅଏନ୍ ।
କୁଇଲି ରାନୀ ଶବଦ୍ ଶୁନ୍‌ଲେ
ମନ୍‌ଟା ହେସି ଧଏନ୍ ॥

ଫଲ୍‌ସା ଫୁଲ୍‌ର ନାଇନ ବାସ୍‌ନା
ଦିଶ୍‌ସି ଲାଲ୍ ଟହଟହ ।
ମାଁ ମଙ୍ଗଲା ବେକେ ଝୁଲୁଥିଲେ
ଲଗୁଥିସି ଗହଗହ ॥

ଫଗୁନେ ଉସତ୍ ହେଇ ଖେଲ୍‌ସନ୍
ମିଲିଗୁଲି କରି ହୋଲି ।
ସାଂଗ୍ ସର୍‌ସା ଭିଲେ ଲାଗ୍‌ସି ମଜା
ରଂଗ୍‌କେ ଦେଇ ବୁଲି ॥

❖

# ମହୁଲ୍

ମହୁଲ୍ ଫୁଲର୍ ବାସ୍ନା ଯାଏସି
ଚାରିକୁତି ମହକି ।
ଗଛ୍ ତଲେ ହେଇଥିଲେ ରୁକେଇ
ଲାଗ୍‌ସି କେତେ ଗହକି ॥

ଫଗୁନ୍ ଚଇତ୍ ମାସେ ଟପ୍‌ଟପ୍
ପଡ୍‌ସି ମହୁଲ୍ ଫୁଲ୍ ।
ଗୁଟ୍‌ଗୁଟ୍ କରି ବେଟି ଗୁଟେଠାନେ
କରସନ୍ ତାକେ ଠୁଲ୍ ॥

ଡଲା ଭୁଗ୍‌ଲି ଧରି ପହପହନୁଁ
ଯେସନ୍ ମହୁଲ୍ ବେଟି ।
ମହୁଲ୍ ବିକି ପୁଷ୍‌ଛନ୍ କୁଟୁମ୍
ଦିନ୍ ଭଏର୍ ଖଟି ॥

❖

# ରାମ୍ ନଅଁମୀ

ଦଶରଥ୍ ରଜାର୍ ତିନ୍‌ଟା ରାନୀ
ନାଇଁ ଥାଇ ପିଲାଛୁଆ
ରଜା ମନ୍‌ଟା ତରସି ଯଉଥିଲା
ଶୁନ୍‌ବାକେ ଡାକ୍ ବୁଆ ॥

ହୁମ୍ ପୁଡେଇ ପାଏଲେ ଚାଏର୍‌ଟା ପୋ
ବଡ୍ ଥିଲେ ପ୍ରଭୁ ରାମ୍ ।
ଚଇତ୍ ମାସର୍ ନଅଁମୀ ତିଥି ନେ
ହଁସ୍‌ଲା ଅଯୋଧ୍ୟା ଧାମ୍ ॥

ଜନକ୍ ରଜା ଝି ଜାନକୀ ଦେବୀକେ
ରୀତିନୀତି ରେ ହେଲେ ବିହା ।
ସୁଖର୍ ଘର ସଂସାର୍ ଦେଖି ଦଏବ
ନାଇଁହେଲା ଟିକେ ସାହା ॥

କୈକେଇ ରାନୀ ରଜାକେ ମାଗି ବର୍
ରାମ୍ ଗଲେ ବନ୍‌ବାସ୍ ।
ଶୁନ୍‌ଶାନ୍ ହେଲା ଅଯୋଧ୍ୟା ରାଏଜ୍
ଭାଂଗିଗଲା ସବୁ ଆଶ୍ ॥

ଚଉଦ ବଛର୍ ବନ୍‌ବାସ୍ ଗଲେ
କପାଲେ ଥିଲା ଦୁଖ୍ ।
ରାବଣ୍ ଆସି ସୀତାକେ ନେଲା ବୁହି
ଛଡେଇ ନେଲା ସୁଖ୍ ॥

❖

# ଶ୍ରୀରାମ୍ ନଅଁମୀ

ଭରତ୍ ଅଯୋଧ୍ୟା ରଜା ହେବା ବଲି
ଦେଖିଲେ କେତେ ସପନ୍ ।
ମନ୍ଥରା ପାଲେ ପଡି କୈକେଇ ରାନୀ
ରାମ୍‌କେ ପଠାଲେ ବନ୍ ॥

ବୁଆର୍ କଥା କେ ରଖି ସିଂହାସନେ
ନାଇଁ ରଖିଲେ ମନ୍ ।
ଦଶରଥ୍ ରଜା ରାମ୍ କେ ଝୁରିଝୁରି
ଗଲା ତାକର୍ ଜୀବନ୍ ॥

ଲଖଣ୍ ସୀତା ବି ବାହାରିଲେ ସାଂଗେ
ନାଇଁ ମାନ୍‌ଲେ କଥା ।
ଜିଦ୍‌ରେ ଏକା ରହେଲେ ତାକର୍
ବୁଝେଇ ବୁଝେଇ ଅଥା ॥

ରାମ୍ ଲଖଣ୍ ସୀତା ପଁଚ୍‌ବଟି ନେ
ବନାଲେ କୁଡିଆ ଘର୍ ।
ଗେରୁଆ ବସ୍ତର୍ ପିନ୍ଧି ରହେଲେ
ଜଂଗଲ୍ କଲେ ନିଜର୍ ॥

ସୁନା ହରିନକେ ଦେଖି ସୀତାଦେବୀ
ହେଇଗଲେ ତନାଘନା ।
ରାମ୍ ତାହାକେ ଧର୍‌ବାର୍ କେ ଗଲେ
ମନ୍ ନାଇଁ କରି ଊନା ॥

ତିନ୍‌ଟା ଗାର୍ ଘିଚି ଲଖଣ୍ ଗଲେ
ସୀତା କେ ଛାଡି ଏକ୍‌ଲା ।
ବାବାଜୀ ଭେଷ୍ ଧରି ଆସି ରାବଣ୍
ଦେବୀକେ ଚୁରେଇ ନେଲା ॥

ଲଂକା କେ ଯାଇ ବାନର୍ ସେନା ସାଂଗେ
ଯୁଦ୍ଧ୍‌ରେ ଦେଲେ ହରେଇ ।
ରାବଣ୍ ଠାନୁ ରାମ୍ ଜାନକୀ ଦେବୀକେ
ଆନ୍‌ଲେ ସେନୁ ମୁକ୍‌ଲେଇ ॥

❖

# ବିର ହନୁମାନ୍

ସମୁଦର୍ ଡେଗି ବୀର୍ ହନ୍‌ମାନ୍
ସୀତାକେ ପାଇଥିଲେ ନୁରି ।
ଅଶୋକ୍ ବନ୍‌କେ ଭାଁଗିରୁଜି ଦେଲେ
ଲଂକାରେ ପଡ୍‌ଲା ହୁରି ॥

ବଜ୍‌ରଙ୍ଗ୍ ବଲି ଲେଂଜେ ଲଗେଇ ଜୁଏ
ଛାର୍‌ଖାର୍ କଲା ଲଂକା ।
ଗର୍‌ବି ଦଶ୍‌ମୁଡିଆ ରାବଣ୍‌ର
ମୁହୁଁ ହେଇଗଲା ବଂକା ॥

ରାମ୍ ମାହାଁପୁରୁର୍ ବଢେ ଭକତ୍
ବୀର୍ ବଜରଙ୍ଗ୍ ବଲି ।
ଲଙ୍କାଥି ସୀତାକେ ନୁରି ପାଇଥିଲେ
ମନ୍ ନାଇଁ କରି ଖାଲି ।

ଲଖଣ୍‌ର ଜୀବନ୍ ବଁଚେଇଥିଲେ
ପର୍ବତ୍‌କେ ଟେକିଆନି ।
ଭୀମ୍ ଅର୍ଜୁନ୍ ଗରବ୍ ଭାଂଗିଥିଲେ
ମାରୁଥିଲେ ବଲି ଠାନି ॥

ଦୁଖର୍ ସମିଆଁଥି ହେସନ୍ ସାହା
ସେ ତ ବୀର୍ ହନ୍‌ମାନ୍ ।
ବିପଦ୍ ଆପ୍‌ଦୁ କରସନ୍ ପାର୍
କରୁଥିମା ଜଏଗାନ୍ ॥

❖

# ମୁବେଲ୍ କରାମତି

ପିଲା ଟୁକେଲ୍ ବିହା ହେଲେ ଠିକ୍
ଦଉଛନ୍ ଗୁଟେ ମୁବେଲ୍ ।
ହଉଛନ୍ କଥା ଦୁହେଁ ଦିନ୍ ରାଏତ୍
ନାଇଁ ନ ବେଲ୍ ଉବେଲ୍ ॥

କାମ୍‌କବାର୍ ଦଉଛନ୍ ପାସ୍‌ରି
କରୁଛନ୍ ଖାଲି ଚାଟିଙ୍ଗ୍ ।
ଛିନାଛକା ଦେଖି ହେଇଯଉଛେ
ଘାଏ ଭିଡିଓ କଲିଙ୍ଗ୍ ॥

ଭୋକ୍‌ଶୋଷ୍ ବି ନାଇଁ ଲାଗ୍‌ବାର୍
ଖାଏଦ୍ ଦଉଛେ ଫୁନ୍ ।
ବିହାପରେ କାଏଁଟା କାଏଁଟା କର୍‌ବେ
ଗାଉଛନ୍ ସବୁ ଗୁନ୍ ॥

ବରାତି ଦିନେ କହୁଛେ ଆସ ଜଲ୍‌ଦି
ବେଲ୍ ଗଲାନ ବୁଡି ।
ହାତର୍ ଗୁଡର୍ ମେହେନ୍ଦି ସାଂଗେ
ମେକପ୍ ଗଲାନ ଉଡି ॥

❖

# ସାବିତିରି ବରତ୍

ଜେଠ୍ ମାସର୍ ଉଆଁସ୍ ଦିନେ ହେସି
ସାବିତିରି ଦେବୀ ପୂଜା ।
ଏକୁଶ୍ ପର୍‌କାରର୍ ଫଲ୍‌ମୂଲ୍
କର୍‌ସନ୍ ନୁରା ଖୁଜା ॥

ସିନ୍ଦୁର୍ ଅଏଲ୍‌ତା ଶାଢ଼ୀ ପିନ୍ଧି
ହେସନ୍ ସଜ୍ ବତର୍ ।
ବାହାରିସନ୍ ସବୁ ସଧବା ସ୍ତିରି
ଲଗେଇ ଦିହେଁ ଅତର୍ ॥

ମୁନୁଷ୍ କେ ମୋର୍ ସୁଖେ ରଖିଥା ବଲି
କର୍‌ସି ମନେ ଗୁହାରି ।
ଦିନ୍‌ଭର୍ ରହେସି ନିର୍ଜଲା ଉପାସ୍
ନାଇଁ ଯାଏ କେଭେ ହାରି ॥

ଭକ୍‌ତି ମନେ କଲେ ପତିର୍ ସେବା
ନାଇଁପାରେ ନେଇ ଯମ୍ ।
ଅଭାବ୍ ଅନାଟନ୍ କେ ଦେଲେ ସାଥ୍
ଲାଗ୍‌ସି ଟିକେ ଦମ୍ ॥

ସାବିତିରି ଦେବୀ ଥିଲେ ବଲି ସତୀ
ସତ୍ୟବାନ୍ ଆଏଲା ଫିରି ।
ଛନ୍ଦ୍ କପଟ୍ ନାଇଁ ରଖିଲେ ମନେ
ଜିତ୍‌ବା ଏକା ନାରୀ ॥

❖

# ରଥ୍ ଯାତ୍ରା

ଅଷାଢ଼ ମାସର୍ ଉଜୋଁର୍ ପଖ୍ ଦୁତିଆ ଦିନେ
ହେସି ରଥ୍ ଯାତ୍ରା ।
ଘଁଟ୍ ଶଁଖ୍ ହରିବୋଲ୍ ହୁଲାହୁଲିଥି ଗର୍ଜିସି
ବଡଖୁଏଲ୍ ସାରା ॥

ବଲଭଦ୍ର ସୁଭଦ୍ରା ସାଁଗେ ପର୍ଭୁ ଜଗନ୍ନାଥ୍
କରସନ୍ ରଥ୍କେ ବିଜେ ।
ସୁନାର୍ ଝାଡୁଥି କର୍ସନ୍ ଛେରାପହଁରା
ଗଜ୍ପତି ରଜା ନିଜେ ॥

ଜଗା କାଲିଆ କେ ଦେଖ୍ବାର୍ ଲାଗି
ଶିରିକ୍ଷେତ୍ରେ ହେସି ଗହଲି ।
ଦେଶ୍ ବିଦେଶ୍ନୁଁ ଆଏସନ୍ କେତେ ଭକତ୍
ଚାରିଆଡେ ପଡୁଥିସି ଚହଲି ॥

ନିଜର୍ ଇଛା ରେ କେଭେ ନାଇଁ ପାର ଯାଇ
ନାଇଁ ଲାଗ୍ଲେ ପର୍ଭୁ ଡୁରି ।
ତାକର୍ ମାୟା ଥରେ ଲାଗିଗଲେ ମନେ
ମନ୍ ହଉଥିବା ଖାଲି ଝୁରି ॥

ଭଜନ୍ କିର୍ତନ୍ କେତେ ନାଚ୍ ଗୀତ୍ରେ
ଦୁଲ୍କିସି ପୁରୀ ଧାମ୍ ।
କାଲିଆ ମାହାପୁରୁର୍ ଆଏ ବଡ଼ ପରବ୍
ଧରୁଥିସନ୍ ଭକତ୍ ପ୍ରଭୁ ନାମ୍ ॥

❖

# ଚାଷି

ଖେଣା ଖେଣା ଧାନ୍ ଫଲିଥିଲେ ଖେତେ
ଲାଗ୍‌ସି କେତେ ଉସତ୍ ।
କିର୍‌ହା ପୋକ୍ ଲାଗି ହେଲେ ଖଏତ୍
ଲାଗ୍‌ସି ମନେ ନିସତ୍ ॥

ମନର୍ ଦୁଖ୍‌କେ ମନେ ମାରି ଚାଷୀ
ବାହାରିସି ମୁହେଁ ହସି ।
ଦୁନିଆଁର୍ ଲୁକ୍‌କେ ଖାଏଦ୍ ଦେଇ
କର୍‌ସି ସଭ୍‌କେ ଖୁସି ॥

ଚାଷିର୍ କଥା ନାଇଁ ବୁଝନ୍ କିହେ
ହେସି ଖାଲି ହଏରାନ୍ ।
ସବୁବେଲେ ମାରସନ୍ ତାର୍ ମୁଡ୍
ସାର୍ ଘିନୁ କି ବିକୁ ଧାନ୍ ॥

ଚାଷୀର୍ ଆଏଲା କେତେ ଗଲା କେତେ
କାହାକେ ନାଇଁ ଦିଶେ ।
ପେଟର୍ ଲାଗି ମୁଠେ ସଂସାର୍ ଯାକି
ଥିସନ୍ ତାର୍ ଆଶେ ॥

ଅଠି ପହର୍ କରୁଥିସି କାମ୍‌ଧାମ୍
ନାଇଁ ଥାକେ ଘଡେ ଛନେ ।
ଖରା ବର୍ଷା କାକଁର୍‌କେ ନାଇନ ଭଏ
କର୍‌ସି ସଭ୍‌କେ ଘନେ ॥

❖

# କପଟ୍

ଦିହିଁ ଭିତ୍‌ରେ ରଖି ଛନ୍‌କପଟ୍
ବାଁଟୁଛ ତୁମେ ଗିଆନ୍ ।
କଥା କହି ଲୋକ୍‌କୁ ଦଉଛ ଭୁଲେଇ
ସେଟା ନାଇନ ଧିଆନ୍ ॥

ସେବା କରୁଛେଁ ବଲି ଦେଖେଇ ହେଲେ
ନାଇଁ ମିଲେ କିଛି ଲାଭ୍ ।
ପଛଆଡେ ଲୁକର୍ କାଟ୍‌ଲେ ପେନ୍ଦି
ନାଇଁ ବଢେ କେଭେ ଭାବ୍ ॥

ଠକି ଭଣି ଲୋକ୍‌କୁ ଦେଇ ଆଶ୍
କହୁଛ ସମାଜ୍‌ସେବୀ ।
ହାଁତେ ତୁମର୍ ଯାହା ପଡ୍‌ଲେ ଭାଇ
ଦଉଛ ସବୁକେ ଗେଫି ॥

ପରଛା ମନେ ଲୁକର୍ କଲେ ସାହେଜ୍
ଲାଗ୍‌ସି କେତେଟେ ମଜା ।
ଟାଉଟିରିଆ ଜିଦିଆ ହେବ ଯଦି
ପାଏବ ଦିନେ ସଜା ॥

ମୁଡ୍ ମାରି ଅର୍‌ଜିଲେ ଧନ୍ ସଂପତି
ନାଇଁରହେ ସବୁଦିନ୍ ।
ଉପର୍‌ବାଲା ଦେଖୁଛେ ଜାନୁଛେ
କରିଦେବା ଖିନ୍‌ଭିନ୍ ॥

❖

# ଧନ୍

ତାହାକେ ସଭେ ଜାନ୍‌ବେ ଚିହ୍ନବେ
ଯାହାର୍‌ନୁ ଅଛେ ଧନ୍ ।
ଗରିବ୍‌କେ ନାଇଁ ପଚ୍‌ରନ୍ କିହେ
ଥିଲେ ବି ମୁନୁଷ୍ ପନ୍ ॥

ନାଇଁ କରିପାରେ ସେ ଲୋକ୍‌ଟା କିଛି
ଯାହାର୍ ନାଇନ ଟଁକା ।
ପଏସା ମାୟାଥିଁ ଯେ ଯାଏସି ପଡି
ତାର୍ ମୁହୁଁ ହେସି ବଁକା ॥

ପାଖେ ଯଦି ତୁମର୍ ଅଛେ ଟଁକା
ପାଏବ କେତେ ସାଂଗ୍ ।
ସରିଗଲେ ନାଇଁ ଦିଅନ୍ ଦେଖା
ଡାକି ଡାକି ହେବ ଡାଂଗ୍ ॥

ଟଂକା ଲାଗି ନାଇଁ କର ମନେ ଗରବ୍
ନାଇଁ ମାର ଯହ ଠାନି ।
ଆଏଜ୍ ଅଛେ କାଏଲ୍ ଯିବା ସରି
ବସି ବଜଉଥିବ ଗିନି ॥

ଲୁକର୍ ଠାନେ ଲାଗ ଅଏନ୍ କଥା
ଧନୀ ହଉ କି ଗରିବ୍ ।
ମଲା ପରେ ତୁମର୍ ଗାଏବେ ଗୁନ୍
କର୍‌ବେ ସଭେ ତାରିଫ୍ ॥

❖

# ମାୟା

ମାୟା ଜାଲେ ସମ୍‌କୁ ବାନ୍ଧି ଦେଇ
ଧରିଛୁ ହାଁତେ ରଶି ।
କିଏ ଟିକେ ହେଲେ ଇଆଡ୍ ସେଆଡ୍
ଦଉଛୁ ପରଭୁ କଷି ॥

ଅଦୁରୁଶ୍ ହେଇ ସବୁଠାନେ ରହି
ଦୁନିଆଁକେ କରୁଛୁ ନିଘା ॥
ବନେ ଅସାର୍ ଲୋକ୍‌କୁ ବାଛି
ଦଉଛୁ ଠାନ୍ ସିଘା ॥

ମନ୍ ଦେଇ ଯିଏ କରୁଛେ ସେବା
ତାହାକେ ହେସୁ ସାହା ।
ତୋର୍ ମାୟା କିଏ ପାର୍‌ବା ବୁଝି
କାହାକେ କର୍‌ସୁ ଆହା ॥

କାହାର୍ ମନେ କାଏଁ ଭାବ୍‌ନା ଅଛେ
ପରଖି ଦେସୁ ଫଲ୍ ।
ଗରବି ହଂକାରି ବାହାଦୁରିଆର୍
ଭାଂଗ୍‌ସୁ ତାକର୍ ବଲ୍ ॥

ସବୁବେଲେ ତାହାକେ କର୍‌ସୁ ଦୟା
ଯେ କର୍‌ସି ଭକ୍‌ତି ।
ତୋର୍ ପାଖେ ଯାଏସି ଯେ ଶରନ୍
ସେ ପାଏସି ମୁକ୍‌ତି ॥

❖

# ହଁଡା

ଧନ୍ ସଂପତି ଲାଲ୍‌ସାଥ୍ ପଡି
ନୁରୁଛ ଖାଲି ହଁଡା
ଭଲ୍ ମନ୍ଦ୍ ନାଇଁପାର୍‌ବା ଜାନି
ହଉଛ ବାଟ୍ ବଁଡା ॥

ମାଁ ବୁଆ ମାହେଜି କଥା ନାଇଁ ମାନି
ଲାଗୁଛ ତାର୍‌ନୁ ଗାଲି ।
ନିଜର୍ ପିଲାଛୁଆ କେ ଭାବି ପର
ଦଉଛ ତାହାକୁ ବଲି ॥

ଲୁକର୍ ଶିଖାଲା କଥାଥି ପଡୁଛ
ନାଇଁନ ବୁଧ୍ ମୁଡେ ।
ଜାନି ଜାନି କରି ଅଜନା ହେଇ
ମାରୁଛ ଚୋଟ୍ ଗୁଡେ ॥

ଗୁନିଆଁ ଡାକି ମନ୍ତ୍ର ତନ୍ତ୍ର କରି
ସାରୁଛ ଟଁକା ପଏସା ।
ସେଥି ଲାଭ୍ ନାଇଁ କି ଲବ୍‌ଧି ନାଇଁ
ହଉଛ ଲୋକ୍ ହଁସା ॥

ନିଜେ ଖଟି ଦୁଇ ପଏସା କମେଇ
ପୁଷ ନିଜର୍ କୁଟୁମ୍ ।
ପରହର୍ କଥାରେ ଚାଲ୍‌ଲେ ବାଟ୍
ହେଇଯିବ ଧୁତୁମ୍ ॥

❖

# କୁକୁର୍ ପୁଷା

ଗୁରସ୍ ଶିକାର୍ ପାଉଁରୁଟି ଦେଇ
ପୁଷୁଛ ଘରେ କୁକୁର୍ ।
ପିଲାଛୁଆ ଭଲିଆ ନଉଛ ଯତନ୍
ଭଁଟେ ବୁଲୁଛେ ଦାମୁର୍ ॥

ସଖାଲୁ ଫିଙ୍କୁଛ କୁକୁରର୍ ଗୁହୁଁ
କେତେ ବୁଧି ଅଛେ ମୁଡେ ।
ଛି ଛାକାର୍ କରି ସାବୁନ୍‌ଥିଁ ଧୁଇସ
ଖର୍‌ସି ମାଡ୍‌ଲେ ଗୁଡେ ॥

ଧଏନ୍ ତୁମର୍ ମୁନୁଷ୍ ଜୀବନ୍
କୁକୁର୍ ଶୁଉଛେ ଖଟେ ।
ଗାଏର୍ ଠାନୁ ପାଉଛ ଗୁରସ୍
ତାହାକୁ ଛାଡୁଛ ଭଁଟେ ॥

ଗୋମାତା ବଲି ସେ କରୁଛ ପୂଜା
ହେଲେ ପାଉଛେ ଦୁଖ୍ ।
କୁକୁର୍ ସାଂଗେ ଖାଉଛ ପିଉଛ
ଦଉଛ ମୁନୁଷର୍ ସୁଖ୍ ॥

❖

# ବିହା

ଆଏଜ୍‌କାଲିର୍ ବିହାକେ ଦେଖିଲେ
ମୁଣ୍ଡ୍‌ଯିବା କିନ୍ଦ୍‌ରି ।
ଛନ୍‌କେ ଘଡ଼୍‌କେ ହଉଛନ୍ ସଜେଇ
ଦିଶ୍‌ମୁ ବଲି ସୁନ୍ଦ୍‌ରି ॥

ବନ୍ଧ୍‌କେ ପାଏନ୍ ପଲ୍‌ଟେଇ ଗଲେ
ପିନ୍ଧୁଛନ୍ ଗୁଟେ ରକମ୍ ।
ଦେବ୍‌ତା ଗୁଡ଼ି ଗଲେ ଆର୍ ଗୁଟେ ଶାଢ଼ୀ
ମୁନୁଷ୍ ଧର୍‌ବା ଦମ୍ ॥

ହଲ୍‌ଦି ବଲି କରୁଛନ୍ ଭୁର୍‌କୁଟି
ଖିଁଜି ହଉଛନ୍ ହଲ୍‌ଦିଆ ।
ଡିଜେ ବଜେଇ ନାଚୁଛନ୍ ସବେ
ଦେଖିଲେ ହାରିଦେବ ହିଆ ॥

କେତେ ରକମ୍‌ର ହେସନ୍ ଫଟୁ
ନାଇଁ କହନ ସେ କଥା ।
ଏତେ ଦରବ୍ ଦିହେଁ ଥିସନ୍ ଖଁଜି
ଦେଖ୍‌ଲା ଲୋକ୍ ଅଥା ॥

ପିଲା ବିହା ହେଲେ ନାଇଁପାର ଜାନି
କିଏ ଆଏ ସେ ବର୍‌ପିଲା ।
ଦିଶୁଥିସନ୍ ସବୁ ପିଲା ସମାନ୍
ପିନ୍ଧିଥିସନ୍ ସଭେ ଢିଲା ॥

ବୁହାସେନ୍ କିଏ ନାଇଁ ପାର ବାରି
ଯଉଥିସନ୍ ଚିକ୍‌ଚିକେଇ ।
ଦେଖ୍‌ଲା ଜାନ୍‌ଲା ଲୋକ୍ ଯାଏସି ଗୁପ୍‌ଲି
ଆଁଏଖ୍ ଯେସି ଝିଲ୍‌ମିଲେଇ ॥

❖

# ଗଛ୍

ଆଗ୍‌କେ ଆସୁଛେ ବର୍‌ଷା ମାସ୍
ଜଗାମା ଗୁଟେଗୁଟେ ଗଛ୍ ।
ପାଏମା ପାଏନ୍ ପବନ୍ ଛାଏଁ
ନାଇଁ କରିଦିଅ ପଛ୍ ॥

ତାର୍‌ନୁ ପାଉଛୁଁ କେତେ ମିଠା ଫଲ୍
ଖାଉଛୁଁ ପେଟ୍ ଭରି ।
ଫୁଟୁଛେ ଫୁଲ୍ ରକମ୍ କେ ରକମ୍
ଯଉଥିସି କହଁରି ॥

ଠିକ୍ ସମିଆଁ କେ ନି ହେବାର୍ ବର୍‌ଷା
ବୁଡ଼ି ଯଉଛେ ଭେଲା ।
ବୁରୋ ଖଜୁର୍ ତେତେଲ୍ ଯେତେ ବିହନ୍
ତୁପି ଦିଅ ଦେଖି ମେଲା ॥

ପାଏନ୍ ବର୍‌ଷିଲେ ହେବା ଗଜା
ନଉଥିବ ଟିକେ ଯତନ୍ ।
ପିଲା ଛୁଆ ଭଲିଆ କର ସେବା
ଗଛ୍ ବି ବଡ଼େ ରତନ୍ ॥

ତାର୍‌ନୁ ପାଉଛୁଁ ବଲି ଅମ୍ଳଜାନ୍
ଅଛେ ଆମର୍ ଜୀବନ୍ ।
ତାହାକେ ଟିକେ ନାଇଁ ଦେଲେ ସମିଆଁ
ହେଇଯିବା ମରନ୍ ॥

❖

# ଭୋଟ୍

ଭୋଟ୍ ସମିଆଁ ଆସ୍‌ଲେ ପାଖ୍‌କେ
ଧାଏଁସନ୍ ଗାଁକେ ନେତା ।
ଭାଷଣ୍ ମାରସନ୍ ସଭେ ଟୁପା ଟୁପା
କରିଦେମୁ ରୋଡ୍ ରାସ୍ତା ॥

ଉଠାଜଲ୍ ସାଁଗେ ପିଇବାର୍ ପାଏନ୍
ଯୁଗାମୁ ସବୁ ପାଶ୍‌କେ ।
ପକ୍‌କା ଘର୍ ମାହାଲିଆ ଲାଇନ୍
ମିଲ୍‌ବା ସବୁ ଘର୍‌କେ ॥

ବେକାରି ଆରୁ ନାଇଁ ରହନ୍ କେହେ
କର୍‌ବେ ସଭେ ଚାକ୍‌ରି ।
ଚାଷିର୍ ସବୁ ଲୁନ୍ କର୍‌ମୁ ଛାଡ୍
ବନ୍ଦ୍ ହେବା ଛୁଆ ବିକ୍‌ରି ॥

କଥା କଥାଇଁ ଲୋକ୍‌କୁ ଭୁଆଁ ବୁଲେଇ
ଭୋଟ୍‌ଥି ଗଲେ ଜିତି ।
ଗାଁକେ ଆରୁ ପଚ୍‌ରଉଛେ କିଏ
ସହରେ କରସନ୍ ମସ୍ତି ॥

ଭୋଟ୍ ଆଘୋ କହିଥିବାର୍ କଥା
ସବୁ ଦେସନ୍ ପାସ୍‌ରି ।
ପାଁଚ୍ ବଛର୍ ନାଇଁ ଦିଅନ୍ ଦେଖା
ଗାଦି ଥିସନ୍ ଆବ୍‌ରି ॥

❖

# ମାଁ

ମାଁର୍ ବିନା ସତେ ଦୁନିଆଁ ଅନ୍ଧାର୍
ଦେଖାସି ଆମ୍‌କେ ବାଟ୍ ।
ତାର୍ କଥା ବୁଲି ନାଇଁ ମାନ୍‌ଲେ
କାନ୍ ଧରି କର୍‌ସି ଛାଟ୍ ॥

ଦିନ୍ ରାଏତ୍ ଖଟି ଭୁକେ ଶୁଷେ ରହି
ନାଇଁ ହୁଏ କେଭେ ଅଥା ।
ମାଁ ଜାନିପାର୍‌ସି ମନର୍ ଭାବ୍‌ନା
ବୁଝ୍‌ସି ଛୁଆର୍ କଥା ॥

ତାର୍ ସୁଖର୍ କଥା ନାଇଁ ଭାବୁଁ ଘଡେ
କର୍‌ସୁ ଆମେ ମଜା ।
ଆମର୍ ଲାଗି ଖାଲି ଭାବ୍‌ସି ଆଗ୍‌କେ
ପାଉ ପଛେ ଯେତେ ସଜା ॥

ମନଉଛ ଆଏଜ୍ 'ମାତୃ ଦିବସ୍'
ଫେସ୍‌ବୁକେ ଫଟୁ ଛାଡି ।
ବୁଢ଼ୀ ହେଇଗଲେ ଗାଲି ଝଗର୍ ଲାଗି
ଘରୁ ଦଉଛ ଗହଡି ॥

❖

# ମଦ୍

ମଦ୍ ପାଏନ୍‌ର କଥା ଭାବୁଛ ଖାଲି
ଭାଟିକେ ଯଉଛ ମାଡି ।
ବୁଲି ବୁଲି ଦିନ୍ ଗୁଟା ଯଉଛେ ସରି
ନାଇଁ ଭାଙ୍ଗ୍‌ବାର୍ ଖାଡି ॥

ପିଲା ଛୁଆକୁ ଟିଖେ ନାଇନ ଧିଆନ୍
ପରଛା ଦେଇଛ ପାସ୍‌ରି ।
ଜମିବାଡି ଯାହାଥିଲା ସବୁ ବିକି
ପର୍‌କେ ଧରିଛ ଆବ୍‌ରି ॥

ପିଲାଛୁଆ ପଢାଶୁନା କେ ପଚ୍‌ରେ
ଗଲେନ ସଭେ ଉହୁଲି ।
ମଦ୍ କି ଗଁଜେଇ ଢୁକେ ମିଲିଗଲେ
ଯଉଛେ ପୁରା କୁହୁଲି ॥

ପର୍‌ହର୍ ଘରେ ଦିନ୍ ରାଏତ୍ ଖଟି
ମାହେଜି ଆନୁଛେ ଟଁକା ।
ମାରପିଟ୍ କରି ନଉଛେ ଛଡେଇ
ମୁହୁଁକେ କରି ବଁକା ॥

ବେମାରୁ ନାଇଁ ପାର୍‌ବାର୍ ଉସ୍‌କି
ଖଟେ ରହୁଛ ପଡି ।
ନିଜେ ଘାଁଟି ହେଇ କୁଟୁମ୍ କେ ଘାଁଟି
ଜୀବନ ଯଉଛେ ଉଡି ॥

❖

# ଛୁଆ ବେଲର୍ ପାଠ୍

ବହି ବସ୍ତାନି ଖଁଧେ ଉଲେଇ କରି
ଯଉଥିଲୁ ପଢି ପାଠ୍ ।
ସାଂଗ ସର୍ସା ହେଇ କରୁଥିଲୁ ମଜା
ଜନା ନି ପଡୁଥାଇ ବାଟ୍ ॥

ଖେଲ୍‌କୁଦ୍ ସାଂଗେ ହେଉଥିଲା ପଢା
ଲାଗୁଥିଲା କେତେ ଉସତ୍ ।
ଗଛ୍‌ଖୁଟ୍ ଜଗେଇ ରଖୁଥିଲୁ ସଫା
ନାଇଁ ହଉଥାଇ ନିସତ୍ ॥

ବେଁଚ୍ ଟେବୁଲ୍ ବଜେଇ କରୁଥିଲୁଁ
ନଚାଡେଗା ଉତ୍‌ପାତ୍ ।
ଆଜ୍ଞା ମାନେ ଦେଖିଦେଲେ ପିଟୁଥିଲେ
ଲାଲ୍ ହଉଥିଲା ହାଁତ୍ ॥

ଯେ ନାଇଁ ଜାନୁଥାଇ ପାଠ୍‌ସାଠ୍
ପଡୁଥିଲା କେତେ ମାଡ୍ ।
ଏଭେ ବୁଆ ଧନ୍ କରି ଚାଲିଛେ ସ୍କୁଲ୍
ପିଟାମରା ହେଲା ଛାଡ୍ ॥

ଗଣେଷ, ସରସତି ପୂଜା ଆସିଗଲେ
ଲାଗୁଥିଲା କେତେ ଖୁସି ।
ନୂଆଁ ପେଁଟ୍ କୁର୍‌ତା ପିନ୍ଧି ଯଉଥିଲୁଁ
ମୁଲ୍‌କି ମୁଲ୍‌କି ହଁସି ॥

ଅଗଷ୍ଟ୍ ପନ୍ଦର ଜାନୁଆରୀ ଛବିସ୍
କହୁଥିଲୁଁ ଗାଁ ବୁଲା ।
ବୁନ୍ଦି ମି ି ବିସ୍କୁଟ୍ ଖାଉଥିଲୁଁ
କୁର୍‌ତା କରି ମେଲା ॥

ସେ ସ୍କୁଲ୍ ସମିଆଁ ନୁର୍‌ଲେ ନାଇଁ ମିଲେ
ଲାଗୁଥିଲା ସେଟା ବନେ ।
ଇହାଦେ ସେକଥା ଭାବିଦେଲେ ଥରେ
ଲାଗ୍‌ସି କେନ୍ତା ଛନେ ॥

❖

# ମାଷ୍ଟର୍

ବଢ଼ିଆ ଯେନ୍ତା ବନାସି ପଲଙ୍କ୍ ଖଟ୍
ଆନି ଖର୍‌ସୋ କାଠ୍
ମାଷ୍ଟର୍ ବି ହେନ୍ତା ଛୁଆ ମନ୍‌କେ ଗଢ଼ି
ଦେଖାସନ୍ ଅଏନ୍ ବାଟ୍ ।

କେତେ ପିଲାଛୁଆ କେ ପଢ଼େଇ ପାଠ୍
ବନେଇଛନ୍ ଡାକ୍ତର୍ ।
ତାହାକୁ ନାଇନ କାହାରି ଧିଆନ୍
କରୁଛନ୍ ହତାଦର୍ ॥

ମାଷ୍ଟର୍ ମାନ୍‌କର୍‌ନୁ ପାଇ ଗିଆନ୍
ହେଇଛନ୍ ଇଞ୍ଜିନିୟର୍
ଆର୍ କେତେ ଲୋକ୍ ଇନୁ ହେଇ ମୁନୁଷ୍
ବନିଛନ୍ ଅଫିସର୍ ॥

ଦୁନିଆଁର୍ ଯେତେ ପର୍‌କାର୍ ସର୍ଭେ
ତାକର୍ ନେ ଦଉଛ ଖାପି ।
ପାଠ୍ ପଢ଼ା ସାଂଗେ ବାହାରିଆ କାମ୍
ସବୁଥିଁ ହଉଛନ୍ ଚାପି ।

ମାଷ୍ଟର୍ ମାଷ୍ଟର୍ ଭିତ୍‌ରେ ସର୍‌କାର୍
ରଖିଛେ ପାତର୍ ଅନ୍ତର୍ ।
ଚାକ୍‌ରି କରି କୁଟୁମ୍ ଚଲାବାର୍‌କେ
ଆନୁଛେ ପଏସା କନ୍ତର୍ ॥

ଶିକ୍ଷା ଦେସନ୍ ବଲି ମାନ୍‌ସୁ ଗୁରୁ
କର୍‌ସୁ ପାଦେ ପୂଜା ।
ସର୍‌କାର୍ ନାଇଁ ଶୁନ୍‌ବାର୍ କଥା
ଦଉଛନ୍ ଖାଲି ସଜା ॥

ବେତନ୍ ତାକର୍ ନାଇଁ ବଢାବାର୍
କଲେ ବି ଯେତେ ଗୁହାରି ।
ଫେର୍‌ବି କାମେ ପଡୁଛନ୍ ଲାଗି
ନାଇଁ ଯିବାର୍ ହାରି ॥

ତାକର୍ ପଢାଲା ଛୁଆ ବୁଲୁଛନ୍
ଧରି ବୁଲେଟ୍ ଗାଡି ।
ବଛର୍ ବଛର୍ ତକ୍ ଖଟି ଖଟି
ଯେସନ୍ ସାଏକଲ୍ ମାଡି ॥

❖

# ଗୁନ୍

ସେନୋ ପଉଡର୍ ମାଖି ଚକ୍‌ଚକ୍‌ଉଛ
ନାଇନ ଟିଖେ ଗୁନ୍ ।
ଦିହିଁ କେ ସଫା କଲେ କାଏଁଟା ହେବା
ଲଗେଇ ଗୋଲ୍ଡ ସାଗୁନ୍ ॥

ମନ୍‌ଟା ନାଇଁ ରହେଲେ ପଏରଛା
ନାଇଁ କହନ କେହେ ବନେ ।
ସୁନ୍ଦ୍ରି ଚେହେରା ନି ରହେ ସବୁଦିନ୍
ରହେବା ଘଡେ ଛନେ ॥

ଅଏନ୍ କରି ହେଲେ କଥା ପଦେ
ସବେ ହେସନ୍ ଗହକି ।
ଠାନି ମାନି ହେଇ ଗରବ୍ କଲେ
ଭାଂଗି ଯାଏସି ସଉକି ॥

ଦାମ୍‌କିଆ ଶାଢ଼ିକେ ସୁନାର୍ ହାର୍
ହେଇଛ ଦିହେଁ ଉଲେଇ ।
ଧନ୍ ସଂପତି ଅଛେ ବଲି ଗୁର୍‌ଦୁ
ନାଇଁ ହ ଏତେ ଫୁଲେଇ ॥

ଯହ ଗରବ୍ ମୁନୁଷ୍ ତ ମୁନୁଷ୍
ଭଗ୍‌ବାନ୍ ନି ପାରେ ସହି ।
ସେତେବେଲେ ପାଏବ ଯେନ୍ ଦଶା
ନାଇଁ ପାର କିଛି କହି ॥

❖

# ବୁଢ଼ି ଗାଁ

ଶୁକ୍‌ତେଲ୍ ନଏଦ୍‌ଥିଁ ହେଲା ଡେମ୍
ଘର୍ ଛାଡି ପଲାଲେ ଲୋକ୍ ।
ନିଜର୍ ଜନମ୍ ମାଏଟ୍ ଛାଡୁଛନ୍
ପେଟେ ନାଇନ ଭୋକ୍ ॥

ଯେନ ଖେଲିକୁଦି ହେଇଥିଲେ ବଡ୍
ସେ ଗାଁ ଯିବା ପାନି ବୁଡି ।
ଆଁଖି ବାହାରୁଛେ ଧାର୍ ଧାର୍ ଲହ
ଯଉଛନ୍ ଗାଁ ଛାଡି ॥

ଛତ୍ ଘର୍ ଛାଏନ୍ ଘର୍ ଯାହାଥିଲା
ମାଟି ଗଲା ସବୁ ମିଶି ।
ଏକ୍‌ଜୁଟ୍ ହେଇ ରହୁଥିଲେ ସଭେ
ଛଡେନେଲା ଖୁସି ॥

ମାହାପୁରୁ ଦେବତା କରୁଥିଲେ ପୂଜା
ହଉଥିଲା ଯାତ୍ରା ପରବ୍ ।
ପାଁଚ୍ ପାଲି ନୁ ଆସୁଥିଲେ ଦେଖି
ଲାଗୁଥିଲା କେତେ ଗରବ୍ ॥

ଗାଁର୍ ମୁଡ୍‌ସେ ହଉକି ଭାଗ୍‌ବତ୍ ଗୁଡି
ହଉଥିଲେ କଥା ବସି ।
ଛିନ୍‌ଛତର୍ ହେଇ ସବୁ ଗଲେ ପଲେଇ
ମୁହେଁ ନାଇଁନ ଟିକେ ହସି ॥

ଜମି ବାଡି ଘର୍ ଦୁଆର୍ ଯିବା ମେଟି
ନାଇଁ ରହେ ଚିନ୍‌ହା ବନା ।
କିଏ କେନ୍ ଆଡେ ପଲେଇଯିବେ
ନାଇଁ ରହେ ଠିକ୍‌ନା ॥

ଲାଖ୍ ଲାଖ୍ ଟଁକା ପାଏଲ ବଲି
ଯେ ଯାହା ଦଉଛନ୍ କହି ।
ହେତେ ଟଁକା ରେ ଚଲ୍‌ବେ କେତେଦିନ୍
ଜମିବାଡି ତ ଗଲା ମେଟି ॥

❖

# ଗରବ୍

ପାଖେ ଧନ୍ ପଛେ ଲୋକ୍ ଅଛନ୍ ବଲି
ମାରୁଛ କେତେ ଫୁଟାନି ।
ଧନ୍ ସରିଗଲେ ଲୋକ୍ ଯିବେ ପଲେଇ
ସୁଖିଯିବା ମୁହୁଁ ପାନି ॥

ପରହର୍ ବଫୁଥିଁ ହଉଛ କଷି
ଛାଡୁଛ କେତେ ରଡି ।
ନିଜର୍ ଦମ୍‌ଥି ନାଇଁପାର ଜିତି
ଅର୍‌କଲେ ଯିବ ପଡି ॥

ଟୁଣୁ କଥା ପଦେ ନାଇଁ ବାହାରେ
ଦେଖିଲେ ଲୋକ୍ ଗହଲି ।
ଘର ଭିତ୍‌ରେ ରହି କରସ୍ ଆଏନ୍
ମନ୍ ଯାଏସି ଚହଲି ॥

ପାଠ୍ ଦୁଇ ଅଖର୍ ନାଇଁ ପଢ଼ିକରି
ଭାବୁଛ ବଢେ ଗିଆନି ।
କେନ୍ କେନ୍ କଥା କହେଲେ ହେବା
ନାଇଁ ପାରୁଛ ଜାନି ॥

ଜୀବନ୍ ଗଲେ ଧନ୍ ନି ଯାଏ ସାଂଗେ
ଯିବ ଏକ୍‌ଲା ସବୁ ଛାଡି ।
ନିଜର୍ ଗରବ୍ ନିଜ୍‌କେ ଖାଏବା
କାହାକେ ପାର୍‌ବ ତାଡି ॥

❖

# ଗୁରୁ ଆଏ ଭଗବାନ୍

ଆଘର୍ ସମିଆଁଥି ପଢୁଥିଲୁଁ ପାଠ୍
ଖପର୍ ଛାଏନ୍ ତଲେ ।
ଗଲୁଥିଲା ପାଏନ୍ ଇସ୍କୁଲ୍ ସାରା
ଭିଜୁଥିଲା ଡ୍ରେସ୍ ହଲେ ॥

ଇସ୍କୁଲ୍ ଜୀବନ୍ ଏନ୍ତା ଗଲା ସରି
ଭଂଗା ବେଁଚ୍‌ରେ ବସି ।
ପାଠ୍ ଯେନ୍ତା କେ ମାଡ୍ ହଉଥିଲା ହେନ୍ତା
ମୁହେଁ ନାଇଁ ଥାଇ ହସି ॥

ଏଭେ ମାଷ୍ଟର୍ ସାଂଗେଁ ହଉଛନ୍ ଲାଡ
ନାଇଁ ନ ଟିଖେ ଡର୍ ।
ସରକାର୍ ଯେଭୁ ଉଠେଇଦେଲା ମାଡ୍
ପଢାକେ ନାଇଁ ନଜର୍ ॥

ଚାଲି ଚାଲି ଆଗୋ ଲୋକ୍ ଯଉଥିଲେ
କେତେ ଧୁର୍ ପାଠ୍ ପଢି ।
ଏଭର୍ ଛୁଆମନେ ଷ୍ଟାଇଲ୍ ମାରି
ଯଉଛନ୍ ଗାଡି ଚଢ଼ି ॥

ଆଜ୍ଞା ମନ୍‌କୁ ସେବେଲେ ମାନି ଗୁରୁ
ମାରୁଥିଲେ ମୁଡିଆ ।
ଆଏଜ୍ କାଲିର୍ ପିଲା ମାଷ୍ଟର୍ ଆଘେ
ଖାଉଛେ ପାନ୍ ପୁଡିଆ ॥

ଗୁରୁ ଚାଲା ମାଏନ୍ ଦେଲେନ ପାସ୍‌ରି
ବସୁଛନ୍ ଗୋଡ୍ ଲଦି ।
ଦେଖିଦେଲେ ଧୁରୁ ଆସୁଛନ୍ ଆଞ୍ଚା
ଡର୍‌ହେ ଦିଅନ୍ ଲୁକି ॥

ଗୁରୁ ବଲି ନାଇଁ ମାନ୍‌ବାର୍ କେହେ
ଉଡାସନ୍ ଖାଲି ମଜା ।
ଗୁରୁକେ ଭଗବାନ୍ ଭାବି ସେ ସମିଆଁଥି
କରୁଥିଲେ ପାଦେ ପୂଜା ॥

ଆମର୍ ମନେ ଆମେ ନାଇଁପାରୁଁ ଜାନି
ନାଇଁ ଶିଖାଲେ ଗୁରୁ ।
ତାକର୍ ଲାଗି ଆଗ୍‌କେ ହେସି ବଢି
ସେ ତ ଆନ୍ ମହାମେରୁ ॥

ଭୁଲ୍ ବାଟୁ ଆନ୍‌ସନ୍ ଅଏନ୍ ବାଟ୍‌କେ
କର୍‌ସନ୍ ବାଟ୍ ଉଁକିଆ
ମୁନୁଷ୍ କେ ବନାସନ୍ ମୁନୁଷ୍ ଭଲିଆ
ସେ ଗୁରୁ ପାଦେ ମୁଡିଆ ॥

❖

# ନୂଆଁଖାଇ

ଭାବର୍ ବଂଧନ୍‌ଟା ଯାଏସି ବଢ଼ି
ଆସ୍‌ଲେ ନୂଆଁଖାଇ ।
ଯିଏ ଯେନ ଥିଲେ ନାଇଁ ପାସ୍‌ରନ୍
ଗାଁକେ ଆଏସନ୍ ଧାଇଁ ॥

ରାଗ୍‌ରୁସା ପାସ୍‌ରି ପରାପାଟ୍‌କେ
ହେସନ୍ ମୁଡିଆ ଜୁହାର୍ ।
ଉସତ୍ ହେଇ କରସନ୍ ନଚା ଡେଗା
ଆମର୍ ରଜା ତିହାର୍ ॥

ଇଦିନେ ପିଠାପନାଥିଁ ଗାଁ ସାରା
ମହକିସି ମହମହ ।
ଛୁଆଠାନୁଁ ବୁଢା ସଭ୍‌କର୍ ମନ୍
ହଉଥିସି ଗହଗହ ॥

ପରା ପରା ଘର୍ ଘର୍ ବୁଲି ସଭେ
ହେସନ୍ ଭେଟ୍‌ଘାଟ୍ ।
ସବୁ ରିସା ଫୁଲା ଦେସନ୍ ପାସ୍‌ରି
ହେଇଥଉନ୍ ପଛେ ମାଡ୍ ॥

ଭାଇଚାରା କେ ରଖିଛେ ବଁଚେଇ
ନୂଆଁଖାଇ ତିହାର୍ ।
ସିଆନ୍ ସୁଜନ୍ ଗୁନିମାନୀ ସମ୍‌କେ
ନୂଆଁଖାଇ ଜୁହାର୍ ॥

❖

# ମାଁ ଦୁର୍ଗା

ମହିଷାସୁର୍ କେ ମାରି ମାଁ ଦୁର୍ଗା ଦେବୀ
ଧରତି କଲୁ ଉଧାର୍ ।
ଏଭେ ମହିଷାନୁ ଜିତି କରି ଅଛନ୍
ତାହାକୁ କରିଦେ ପାର୍ ॥

ଯେନ୍ ଲୋକ୍ କରୁଛେ ଯହ ପାପ୍
ତାର୍ ମୁଡେ ପକା ପାହା ।
ତୋର୍ ଭକତ୍‌କେ କର୍‌ସି ଗୁଲ୍‌ଗୁଲା
କରୁଥିବୁ ଟିକେ ଆହା ॥

ପାପର୍ ଭାର୍ ସଂସାଁରେ ଗଲାନ ବଢ଼ି
ମରତ୍‌କେ ଆ ଉତ୍‌ରି ।
ଗୁଟ୍ ଗୁଟ୍ କରି ବାଛି ବାଛି ଦେ ସଜା
ସଂସାରୁ ଯଉନ୍ ଖଁସ୍‌ରି ॥

କଲିଯୁଗେ ଅସୁର୍ ହେଲେନ ଗୁର୍‌ଦୁ
ତାହାକୁ କର୍ ସଂହାର୍ ।
ବିବେକ୍ ବିଚାର୍ ଦେଲେନ ପାସ୍‌ରି
ଛଡେଇ ନଉଛନ୍ ଆହାର୍ ॥

ତୋର୍ ନାଁକେ ଶତ୍ରୁ ଶୁନିଦେଲେ ମାଁ
ଡର୍‌ହେ ଦେସି ସେର୍‌ପେଟି ।
ତୋର୍ ଝଲକ୍ ଟିକେ ଦେଖେଇ ଦେ
ଯଉନ୍ ସବୁ ଲେହେଁଟି ॥

❖

# ଲାଁଚ୍

ଚାକ୍‌ରିଆ ହଉ କି ବିନ୍ ଚାକ୍‌ରିଆ
ମାଗୁଛନ୍ ସଭେ ଲାଁଚ୍ ।
ଯେତେ ଭୁଲ୍ କଲେ ବି ହେସି ମାଫ୍
ଦେଇଦେଲେ ଦଶ୍ ପାଁଚ୍ ॥

ଡାକ୍‌ତର୍ ତୁମ୍‌କେ ନାଇଁ ଦେଖେ ଛୁଁଗି
ହେଇଥାଉ ଯେତେ ରୋଗ୍ ।
ଦୁଇ ପଏସା ହାଁତେ ଦେଲେ ଦେଇ
ଛାଡି ଯାଏସି ଭୋକ୍ ॥

ପୁଲିସ୍ ଆଘେ ଯଦି ଯାଇଛ ପଡି
ଶୁନ୍‌ବ କେତେ ଗାଲି ।
ପାନ୍ ଖିଆ ମୁନା ନ ଦେଲେ ଭରି
ଦେସନ୍ ଟିକେ ସୁଆଁଲି ॥

କୋଟ୍ କଚ୍‌ରି କାମ୍‌ଥିଁ ଗଲେ ଫସି
କରିଦେବେ ଭିକାରୀ ।
ଲୁକର୍‌ଠାନୁଁ କନ୍‌ତର୍ ଆନି ଆନି
ଜୀବନ୍ ଦେବ ହାରି ॥

ତହସିଲ୍ ବ୍ଲକ୍ ପଡିଗଲେ କାମ୍
ନର୍‌ଦି ନର୍‌ଦି ଅଥା ।
ଆଏଜ୍ କାଏଲ୍ କରି ଦିନ୍ ଯିବା
ନାଇଁ ଶୁନନ୍ କଥା ॥

ଫସ୍‌କା କାମ୍ କରିଥିଲେ ଠିକାଦାର୍
ହେଇ ଯାଏସି ସବୁ ଓକେ ।
ଅଫିସର୍ ନେତାକେ ଦେଲେ ଭାଗେ
କାଣା କର୍‌ବେ ଲୁକେ ॥

ଅନିଏ ଦୁର୍ନୀତି କରସନ୍ ପାର୍
ଦେଲେ ବିଡା ବିଡା ଟଁକା ।
ସର୍‌କାରୀ ହଉ କି ବେସରକାରୀ
ସବୁ ମୁହୁଁ ହେସି ବଁକା ॥

❖

# ଫୁଲ୍

ଗଛେ ବୁଗ୍‌ବୁଗାତେ ଫୁଟିଥିଲେ ଫୁଲ୍
ଦିଶ୍‌ସି କେତେ ଅଏନ୍ ।
ମାଲା ଗୁଁଥି ମହାପୁରୁକେ ଦେଲେ
ମନ୍‌ଟା ହେସି ଧଏନ୍ ॥

ନିଜେ ନାଇଁ ଜଗେଇ ଗୁଟେ ଗଛ୍
ଚୁରାସ ପରର୍ ଫୁଲ୍ ।
ଲୋକ୍‌କୁ ବାଆଁଟ ଯେତେ ଗିଆନ୍
ନାଇଁ ମିଲେ କିଛି ମୂଲ୍ ॥

ଗଛ୍ ଜଗେଇ ଯତ୍‌ନଉଛେ ଯିଏ
ନାଇଁ ପାଏ ଫୁଲ୍ ମୁଠେ ।
ପହପହନୁ ଲୋକ୍ ନଉଛନ୍ ତୁଲି
ନାଇଁ ଥାଏ ଗଛେ ଗୁଠେ ॥

ଚୁରାଲାଟା ଦେବାଦେବୀ କେ ଦେଲେ
ହେଥି ନାଇଁନ ପୁଇନ୍ ।
ଗରବ୍ କଲେ ନାଇଁ ସହେ କେଭେ
ହେବା ସବୁ ଶୁଇନ୍ ॥

❖

# ନକ୍‌ଲି କରୁଛେ ରାଜ୍

ଚାଷ୍ କରି ପୁଷୁଛେ ଲୁକର୍ ପେଟ୍
କରସ୍ ତାକେ ହିନ୍‌ମାନ୍ ।
କେମେରା ଆଘେ କଲେ ଚାଷୀ ରୁଲ୍
ମିଲ୍‌ସି କେତେ ସନ୍‌ମାନ୍ ॥

ଅସ୍‌ଲି ବନ୍ଧୁକେଁ ଯେ କରୁଛେ ଯୁଧ
ସେତାକେ ଦେସ ପାସ୍‌ରି ।
ନକ୍‌ଲି ବନ୍ଧୁକେଁ ବନୁଛନ୍ ହିରୋ
ଧରିଛ ସାଂଗେ ଆବ୍‌ରି ॥

ଖରା ବର୍‌ଷା କାଁକର୍ କେ ସହି
ରଖୁଛନ୍ ଦେଶର୍ ମାନ୍ ।
ସୁଖର୍ ଝୁମ୍‌ରା ସାଂଗେ ପେଟ୍‌କେ ମୁଠେ
ଦେସନ୍ ଯବାନ୍ କିଶାନ୍ ॥

ଅସ୍‌ଲି ସବୁବେଲେ ହେସି ହିନିସ୍ତା
ନାଇଁ ଦିଅନ୍ ଧି୍ଆନ୍ ।
ନକ୍‌ଲି ସଦାବେଲେ ନାଆଁ କମାସି
ସବୁନ ପାଏସି ଠାନ୍ ॥

❖

# ନିଜର୍‌ଟା ନିଜ୍‌କେ ବନେ

ଛେଲ୍ ମେଢି ଗାଏ ଦାମୁର୍ ଚରାଲେ
ନାଇଁନ କିଛି ଲାଏଜ୍ ।
ନିଜର୍ କାମ୍ କରି ପୁଷୁଛୁ ପେଟ୍
ଘର୍‌କେ ହଉଛେ ସାହେଜ୍ ॥

କବାର୍ କରି ଚଲଉଛେ କୁଟୁମ୍
ପର୍‌କେ ନାଇଁନ ଆଶ୍ ।
ଠଁକା ଭଁଣା ଚୋର୍ ଡକେତ୍ କରି
ନାଇଁ ଲଗାବାର୍ ଫାଶ୍ ॥

ଜିନ୍‌ସ୍ ଟପ୍ ପିନ୍ଧି ବନାଲେ ରିଲ୍‌ସ
ନାଇଁ ମେଟେ କେଭେ ଭୋକ୍ ॥
ଧନ୍ ଅଛେ ବଲି ଦେଖେଇ ହେଲେ
ବନେ ନାଇଁ କହନ୍ ଲୋକ୍ ॥

ଅଲ୍‌ଗା ଲୁକ୍‌କେ ନାଇଁ କର ଆଏଁଖି
ନିଜ୍‌କେ ରଖ ଅଏନ୍ ।
କେନ୍ ମୁନୁଷ୍ ବନେ ଅସାର୍ ବାଛ୍‌ଲେ
ତୁମର୍ ହେବା ହାଏନ୍ ॥

କାମ୍ ଦେଖି ନାଇଁ କର ବଡ଼୍‌ସାନ୍
ଯାହାର୍‌ଟା ତାକେ ବନେ ।
ପରହର୍ କାମ୍ କରୁ କି ନିଜର୍‌ଟା
ସୁଖେ ରହେସି ଛନେ ॥

❖

# କନ୍ଧମାଲ ଘାଟି

ପାହାଡ୍ ପର୍ବତ୍ ଝାର୍ ଜଂଗଲ୍
କନ୍ଧମାଲେ ଅଛେ ପୁରି ।
ବାଂକ୍ଟାଂକ୍ ବାଟ୍ଘାଟ୍ ଦେଖିଦେଲେ
ମୁଡ୍କାନ୍ ଯାଏସି ଘୁରି ॥

ରୁଡର୍ ଦୁହି ପାଖେ ଅଛେ ଗଛ୍ଖୁଟ୍
ମାର୍ସି ଥଣ୍ଡା ପବନ୍ ।
ଚେରେଚିର୍ଗୁନ୍ର ଶବଦ୍ ଶୁନି
ପର୍ଛା ଲାଗ୍ସି ମନ୍ ॥

ପର୍ବତୁ ଝରି ଝରନା ପାଏନ୍
ପଡୁଛେ ମୁଡେ ଉପ୍ରୁ ।
ଗାଧିଲେ ଲାଗ୍ସି ବଡା ଅଏନ୍
ମନ୍ କହେ ନାଇଁ ଖସ୍ରୁ ॥

ଦାରିଙ୍ଗ୍ବାଡି ପାଖେ ଦାସିଂବାଡି ଅଛେ
ମିଦୁବାନ୍ଦା ୱାଟର୍ ଫଲ୍ ।
ପର୍କୁତି ରାନୀ ଦିଶ୍ସି ବଢିଆ
ପାଏନ୍ ବୁହୁଛେ ଖଲ୍ ଖଲ୍ ॥

ଦାରିଙ୍ଗ୍‌ବାଡି ଠାନୁ ଗାଜଲ୍‌ବାଡି
ଲମି ଯାଇଛେ ଘାଟି ।
ବନାହେଇଛେ ରୋଡ୍ କେଡେ ସୁନ୍ଦର୍
ପାହାଡ୍ ପରବତ୍ କାଟି ॥

ଘାଟି ଉପ୍ରୁ ତଲ୍‌କେ ଦେଖିଦେଲେ
ଶୁଖିଯିବା ସଥେଁ ଟଁଟି ।
ଆଲ୍‌ମାଲ୍ ପଡ଼ିଗଲେ ନି ମିଲେ କିଛି
ପଏରଛା ଯିବା ମେଟି ॥

ହୁସିଆର୍ ହେଇକରି ସଦାବେଲେ
ଚଲାବାର୍ ପଡ୍‌ବା ଗାଡି ।
ଟିକେ ଇଆଡ୍ ସେଆଡ୍ ହେଇଗଲେ
ପଥର୍‌କେ ଯିବା ଚଢି ॥

ହେଲ୍‌ମେଟ୍ ପିନ୍ଧି ଚଲାବ ବାଇକ୍
ମାର୍‌ବ ଘାଟିଥି ହରନ୍ ।
ଜାନ୍‌ବାର୍ ହେଇକରି ଚଲାଲେ ରିସେ
ହେଇଯିବା ମରନ୍ ॥

❖

# ମାହାଲକ୍ଷ୍ମି

ମଗ୍‌ଶିର୍ ମାସର୍ ଗୁର୍‌ବାର୍ ଦିନେ
ମାଁ ଲକ୍ଷ୍ମୀର୍ ହେସି ପୂଜା ।
ମନ୍ ଭିତ୍‌ରୁ ମାଁ କେ ଡାକ୍‌ସି ଯେ
ପାଏସି ସେ ତାର୍ ମଜା ॥

ଚଁଡାଲେନ୍ ଭକ୍‌ତି ରେ ହେଇ ଉସତ୍
ତାର୍ ଘରେ ହେଲେ ଠିଆ ।
କାଏଁ ବର୍ ମାଗୁଛୁ ମାଗ୍ କହେଲେ
ଉଡିଗଲା ତାର୍ ହିଆ ॥

କାଲିଆ ବଲିଆ ଦେଖିଦେଲେ ବାଟେ
ଅଛୁଆଁ ଘରେ ଲଖ୍‌ମି ।
ବଲିଆ ମାହାଁପୁରୁ ଘରୁ ଦେଲେ ଖେଦି
ହେଇକରି ରିସ୍‌ମି ॥

ବାଆର ବଛର୍ ନାଇଁ ମିଲେ ଖାଏଦ୍
ଲକ୍ଷ୍ମୀ ଦେଲେ ଅଭିଶାପ୍ ।
ଭିକାରି ଭଲିଆ ବୁଲ୍‌ଲେ ଦୁହି ଭାଇ
କରିଦେଲେ ବଲି ପାପ୍ ॥

ତାକର୍ ଭୁଲ୍ ବଲି ଜାନି ପାର୍‌ଲେ
ମାଗ୍‌ଲେ ଦୁହେଁ ଖେମା ।
ଲକ୍ଷ୍ମୀ ଦେବୀ ହସି ହସି କହେଲେ
ଚାଲ ମିଲିମିଶି ରହେମା ॥

❖

# ଚଇତନର ମାଁ

ଆସ ଧନ କଲାକାହ୍ନୁ ଗୋପପୁରକେ ଫିରି
ଆହା ଖାନାପିନା ଛାଡିଦେଲେ ନ ତୁମ୍‌କେ ଝୁରିଝୁରି
ଆହା ତୁମର ବିନେ ଯମୁନା ନଦୀ ଲାଗେ ଛିନା ଛିନା
ଆଏମି ବଲି କହିଥିଲ ହେଲ ବାଟ୍ ବନା
କଲା କଲା ବାଲେ ତୋର୍ ମୟୁର ଚୁଲ
ମନ୍ କେ ନେସି ମୁହି ତୋର୍ ମୁରଲି ସୁର
ଘର ଘର ଢୁକି ଢୁକି ଖାଉଥିଲୁ ଚୁରେଇ ସବୁ ଦହି ମହି
ଗାଁ ଯାକ ତୋର୍ ପଛେ ଧାଉଁଥିଲେ ହସୁଁଥିଲୁ ମୁର୍‌କି ହଁସି
ଏ କାହ୍ନା.................
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି
ତୁମର୍ ବିନେ ଗୋପଦାଣ୍ଡେ ପଡିଯଉଛେ ହୁରି
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି
ଏ ମୋର୍ କାହ୍ନା............
କେତେ କର୍‌ସୁ ବାହାନା
ତୋର୍ ଲାଗି ନାଇଁ ପାରେ ରହି
ତୋର୍ ବିନେ କେନ୍‌ତେହି ବଁଚ୍‌ମି
ତୁଇଁ ତ ମୋର୍ ଆଖିର୍ ପିତୁଲା
ଡିରି ରିରି ଡିରି ରିରି ବାଜେ ବଏଁଶି
ଦେଖିଦେଲେ ତୋର୍ ଚେହେରା ମନ୍ ଯାଏସି ବସି
ମଥୁରା ନ କାହାର୍ ଠାନେ ମନ୍ ଗଲା କାଏଁ ରସି
ପଏରଛା ତୁମେ ପାସ୍‌ରିଦେଲ ନାଇଁ ପାର୍‌ଲ ଆସି
ଫିରି ଆଏମି ବଲି କାହ୍ନୁ ଦେଇଥିଲ କଥା
ବାଟ୍ ଯୁଗି ଯୁଗି ମୟୁରଚୁଲିଆ ହେଲୁନ ଅଥା
ଯମୁନା କୂଲେ ଗୋପିର୍ ସାଂଗେ କରୁଥିଲ କେତେ ମଜା
ମଥୁରା ଯାଇ ରହିଗଲ ସମ୍‌କୁ ଦଉଛ ସଜା

ଏ କାହ୍ନା କାଏଁଯେ ଏନ୍‌ତା କଲୁରେ
ଏ କାହ୍ନା.................
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି
ତୁମର୍ ବିନେ ଗୋପଦାଣ୍ଡେ ପଡିଯଉଛେ ହୁରି
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି
ଆହା ମୋର୍ ମହନ.........
ତୋର୍ ବିନେ ସବୁ ଅନ୍ଧାର
ହାତେ ତୋର୍ ବଏଁଶି
ମୁହେଁ ମୁର୍‌କି ହସି
ଦେଖିଦେଲେ ମନ୍ ଯାଏସି ରସି
ତୋର୍ ଆଏଲା ବାଟ୍ କେ ଦେଖି ଦେଖି ଦିନ୍ ଗଲା
ଆଏମି ବଲି କଥା ଦେଇ କଲ ଗୁଲ୍‌ଗୁଲା
ଅକ୍ରୁର ଆସି ରଥେ ସେ ତ ବସେଇ ନେଲା
ଧନୁଯାତ୍ରା ସର୍‌ଲେ ଆଏବେ ବଲି କଥା ତ ଦେଲା
ତୋର୍ ବାଟ୍ ଯୁଗି ଯୁଗି ସମିଆଁ ସରି ଗଲା
ତତେ ଝୁରି ଝୁରି ଆମର୍ ଟଁଟି ଶୁଖିଗଲା
ମଲ୍‌ମଲିଆ
ଗଉଡ୍ ପିଲା
ଦଉଥିଲୁ ଘାଁଟିସାନି
ତୋର୍ ବିନେ ଯମୁନାକେ ନାଇଁ ଆନିଯିବାର୍ ପାନିରେ
ନାଇଁ ଆନିଯିବାର୍ ପାନି
ଏ କାହ୍ନା.................
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି
ତୁମର୍ ବିନେ ଗୋପଦାଣ୍ଡେ ପଡିଯଉଛେ ହୁରି
ଗୋପପୁର କେ ଆସ ଗୋ ଜଲ୍‌ଦି ଜଲ୍‌ଦି ଫିରି

❖

# ମଲିକେ ଆନୁଅଛେ ଜର

ରାମ ତୁଇଁ ନାଇଁ ଯାଆ
ରାମ ତୁଇଁ ନାଇଁ ଯାଆ
ରାମ ତୁଇଁ ନାଇଁ ଯାଆ ବନବାସ ଫିରିଆରେ
ରାମ ତୁଇଁ ନାଇଁ ଯାଆ ବନବାସ ଫିରିଆରେ
ନାଇଁନ କାହାରି ମୁହେଁ ହସ ରାମ ଫିରିଆରେ

କାନ୍ଦୁଛେ ଅଯୋଧ୍ୟା ଧାମରେ
କିହେ ନାଇଁ କର୍‌ବାର୍ କାମ
କିହେ ନାଇଁ କର୍‌ବାର୍ କାମ
ମନ୍ଥରା କଲା କାଏଁ ବୁଧିରେ
ତତେ ଘରୁ ଦେଲା ଖେଦି
ତତେ ଘରୁ ଦେଲା ଖେଦି

ବୁଆର୍ ହଜିଗଲା ଚେତା
ନାଇଁ ମିଲେ ତୋର୍ ପତା
ବୁଡିଯିବା ଇ ସଂସାର
ରାମ ତୁଇଁ ଫିରିଆରେ

ନାଇଁନ କାହାରି ମୁହେଁ ହସ ରାମ ଫିରିଆରେ
ରାମ ତୁଇଁ ନାଇଁ ଯାଆ ବନବାସ ଫିରିଆରେ
ରାମ ତୁଇଁ ନାଇଁ ଯାଆ ବନବାସ ଫିରିଆରେ
କୈକେୟୀ ମାତା ନାଇଁ ଜାନିରେ
ପରର୍ ବୁଧିଥି ହେଲା ଟାନି
ପରର୍ ବୁଧିଥି ହେଲା ଟାନି

ଦାସି ଭୁଲେ ଗଲା ପଡିରେ
ଜଙ୍ଗଲକେ ଦେଲା ତଡି
ଜଙ୍ଗଲକେ ଦେଲା ତଡି
ବନେ ରହେବୁ ଭୁଖେ
ନାଇଁ ରହୁ ସୁଖେ
ଜୀବନଟା ହେବା ଅନ୍ଧାର ରାମ ଫିରିଆରେ
ରାମ ତୁଇଁ ନାଇଁ ଯାଆ ବନବାସ ଫିରିଆରେ
ନାଇଁନ କାହାରି ମୁହେଁ ହସ ରାମ ଫିରିଆରେ

❖

# ପେନସନ୍

ଷାଠେ ବଛର୍ ତକ୍ କରି ଚାକ୍ରି
ବୁହିବ ମୁଡେ ଟେନ୍ସନ୍ ।
ରିଟାର୍ଡ୍ ହେଲେ ଆର୍ କିଏ ପଚ୍ରେ
ନାଇଁ ମିଲେ ପେନ୍ସନ୍ ॥

ଥରେ ଯଦି ହେଲ ଏମ୍ଏଲ୍ଏ ଏମ୍ପି
ପାଏବ ସବୁ ସୁବିଧା ।
ଚାକ୍ରି କରି ଦିନ୍ ରାଏତ୍ ଖଟି
ଖାଏବ ଲାତ୍ ବିଧା ॥

ବିନ୍ ପାଠେ ହେବେ ନେତା ମନ୍ତିରି
ଗିଆନ୍ ଥାଇ ଚାମ୍ଚା ।
ପାଠ୍ ପଢି କରି ହେବ ଅଫିସର୍
ବୁହିବ ନେତାର୍ ଗାମ୍ଛା ॥

ଦେଶ୍ର ଲାଗି ଯେ ଦେସି ଜୀବନ୍
ତାହାକେ ଦେସ ପାସ୍ରି ।
ସେବାର୍ ନାଁ ଥି ଯେ ଖାଉଛେ ଲୁଟି
ସେତାକେ ଥିସ ଆବ୍ରି ॥

କୋଟି କୋଟି ଟଁକାର୍ କାମ୍ ସବୁ
ପଡିଛେ ହେଇ ଅଚଲ୍ ।
ପେନ୍ସନ୍ ଲାଗି ନାଇଁନ ପଏସା
ଦେଖତ କେନ୍ତା ଅକଲ୍ ॥

❖

# ଭୋଟ୍

ତୁମର୍ ନେତା ଯଦି କରିଛେ କାମ୍
ନିଶ୍ଚେ ପାଏବା ଭୋଟ୍ ।
ଇ କାମ୍ ସେ କାମ୍ କରିଛୁଁ ବଲି
ନିଜ୍‌କେ କରୁଛ ଛୋଟ୍ ॥

ଲୁକର୍ ସେବା କରିଥିଲେ ତୁମେ
ସବୁ ନ ହେବା ଚରଚା ।
ନାଇଁ କର୍‌ଲେ କାମ୍ କହେବେ ଲୋକ୍
ଲାଗ୍‌ସି ହେତ୍‌କେ ମିର୍‌ଚା ॥

କେ କରିଛେ କାମ୍ ଜାନିଛନ୍ ଲୋକ୍
ନାଇଁ ପିଟ ଆରୁ ଡିଂଗ୍‌ରା ।
ପରହର୍ ବୁଧିଥି ହେଇ ହୁସିଆର୍
ଦଉଛ ଗିଲି ଅଂଗ୍‌ରା ॥

ମଦ୍ ଶିକାର୍ ଦେଇ ଭୋଟର୍ କେ
କେତେ ବନାବ ଭକୁଆ ।
ଏଭେ ସବୁ ଲୋକ୍ ସିଖିଲେ ନ ବୁଧି
ନାଇଁ ବୁଲ ଆରୁ ଭୁଆଁ ॥

ଜନ୍‌ତା କେ ବନେଇ ଉସତ୍ ବେଡା
ସଂସାର୍ କେ ଦେଲ ଗିଲି ।
ଜନ୍‌ତା ହେଇଗଲେ ଏକ୍‌ଜୁଟ୍
ନାଇଁପାର ମୁକ୍‌ଲି ॥

❖

# ମୋର୍ ସମିଆଁ

ଗାଆଁ ଠାନୁ ସହର୍ ତକ୍ ଯାଇ
ଦେଖାସ ସବୁ ଖବର୍ ।
ସମ୍‌କେ ଦେଖ୍‌ସ ସମାନ୍ ଆଁଖି
ନାଇଁସେ କେହେ ନିଜର୍ ॥

ଇସ୍କୁଲ୍ ଡାକ୍‌ତର୍ ଖାନା ଅବସ୍ଥା
ତୁମରନୁ ପାରସୁଁ ଜାନି ।
ତୁମ୍‌କେ ଦେଖ୍‌ଲେ ପଲାସନ୍ ଲୁକି
ହେଇ ସଭେ ଘିଚିଟାନି ॥

ଅଫିସର୍ ଠିକାଦାର୍ ନେତା ମନ୍ତ୍ରୀ
ଖୁଲ୍‌ସ ତାକର୍ ପୋଲ୍ ।
କାମ୍‌ଧାମ୍ କିଛି ନାଇଁ କର୍‌ବାର୍
କରିଦେଲେ ସବୁ ଖୋଲ୍ ॥

ଗରିବ୍ ଲୁକର୍ ଗୁଲ୍‌ଗୁଲା ସାଂଗେଁ
ଉଠାସ ଚାଷିର୍ କଥା ।
ଫେର୍‌ବି ଇ ସମାଜ୍ ନାଇଁ ସୁଧ୍‌ରେ
ହେଇ ଯଅ ପଛେ ଅଥା ॥

ନେତା ମନ୍ତ୍ରୀ କଥା କରସ ପର୍‌ଚାର୍
ମନେ ନାଇଁ ରଖି ଭଏ ।
ତୁମର୍ ନିଉଜ୍ କର୍‌ସନ୍ ପସନ୍
ମୋର୍ ସମିଆଁ ହଉ ଜଏ ॥

❖

# ସେ ଦିନ୍ ଆଏତା କାଏଁ ଫିରି

କ୍ରିକେଟ୍ ଫୁଟ୍‌ବଲ୍ କବାଡି ମଜା
ନଉଥିଲୁଁ କଁଟା ପେଟେ ।
ରେଶ୍ ରେଡି ବିଷ୍ ଅମୃତ୍ ସାଁଗେ ବାଟି
ଖେଲୁଥିଲୁଁ ଘର୍ ବାଟେ ॥

ଅତିପତି ବାଡିଡେଗାନି ପିଥୁ ଖେଲ୍
ହଉଥିଲା କେତେ ମଜା ।
ଦୁଇ ପହରେ ଖରା ଝାଉଥି ବୁଲି
ପିଠି ବାଜୁଥିଲା ବଜା ॥

ସେଦିନ୍ ଫେର୍ ଆଏତା କାଏଁ ଫିରି
ଗାଧିତୁଁ ଉତ୍‌କି ଉତ୍‌କି ॥
ପିଲାମନ୍‌କର୍‌ନୁ ବଁଧର୍ ପାଏନ୍
ନାଇଁ ପାରୁଥାଇ ଥାକି ॥

ସେ ସମିଆଁକେ ଏଭେ ଲାଗୁଛେ ନୁରା
କେନ୍‌କେ ଗଲା ପଲେଇ ।
ଇହାଦେ ନୁର୍‌ଲେ ନାଇଁ ମିଲୁଛେ
କେନ ଯାଇଛେ ହଜି ॥

ଗାଆଁ ଥି ରହି ଚାଷ୍‌ବାସ୍ କରି
ପୁଷୁଥିଲ ତୁମେ ପେଟ୍ ।
ସହରେ ରହି ପରର୍ କାମ୍ କରି
ଭାବୁଛ ନିଜ୍‌କେ ସେଟ୍ ॥

ମାଲିକ୍ ହେଇ ନିଜର୍ କାମ୍ କରି
ଲାଗୁଥିଲା ଲାଏଜ୍ ।
ଅଲଗା ଲୁକର୍ ବୁଟ୍‌କାକେ ବୁହି
କରୁଛ ବଡେ ସାହେଜ୍ ॥

❖

କୋଶଲୀ

# ରଁଚେ କବିତା

-୧-

ଇଠାନେ ନିର୍‌ଦୁଷିକେ ଦୁଷି ବନେଇ
ଦଉଛନ୍ ତାକେ ସଜା ।
ଦୁଷି ବୁଲୁଛେ ଗାଁଖୁଲି ଛାତି ଫୁଲେଇ
ଉସତେ ନଉଛେ ମଜା ॥

ଦୁଷି ପଛେ ପଛେ ଧାଏସନ୍ ଲୋକ୍
ମିଲ୍‌ସି ଝୁରୀ ଶିକାର୍
ସତ୍ ବାଟେ ଚାଲ୍‌ସି ବଲି ନିର୍‌ଦୁଷି
କରସନ୍ କେତେ ଧିକାର୍ ॥

❖

-୨-
ଲାଠି ଗୁଲି ଖାଇ ଗୁରା ସର୍‌କାର୍‌ନୁ
ହେଲା ଭାରତ୍ ସ୍ୱାଧୀନ୍ ।
ଉସତେ ଆଏଜ୍ ଉଡଉଛୁଁ ତିରଙ୍ଗା
ନାଇଁ ନ ବଲି ପରାଧୀନ୍ ॥

ସେ ମହାପୁରୁଷ୍‌କୁଁ ସୋର୍ କରି
କର୍‌ମା ଜଏଗାନ୍ ।
କୁଟୁମ୍‌କେ ପାସ୍‌ରି ଦେଲେ ଜୀବନ୍
ଦେଶର୍ ରଖ୍‌ଲେ ମାନ୍ ॥

❖

-୩-
ମାହାଲିଆ ଖାଏବାର୍‌କେ ଲୋକ୍
ରହିଛନ୍ ଖାଲି ଟାକି ।
ସରକାର୍ କାଣା କରୁଛେ ଘୁଷ୍‌ନା
ମାରୁଛନ୍ ସେଟା ନାକି ॥

କମେଇ କୁଠେଇ ଖାଏବାର୍ ଲାଗି
ନାଇନ କାହାରି ମନ୍ ।
ଫୁକଡ୍ ଫୁକଡ୍ ସୁଆଁଟି ଆନ୍‌ତେ
କିଏ ରଖିଦେଇଛେ ଧନ୍ ॥

❖

-୪-
ମୁନୁଷ୍ ରୂପେ ଗଢ୍‌ଲୁ ଭଗ୍‌ବାନ୍
ନାଇଁ ଦେଲୁ କିଛି ଗୁନ୍ ।
ମାଏଟ୍ ମୁଡା କରିଦେଲୁ କାଏଁଜେ
ସବୁ କାମେ ହେଲିଁ ଶୂନ୍ ॥

ମାଏଟ୍ ଠାନୁ ତ ସୁନର୍ ଜିନିଷ୍
କେତେଟେ ହେସି ଗଢି ।
ମୁନୁଷ୍ ହେଇ କେନ୍‌ସି କାମେ ନାଇଁ
ପଏରଛା ଗଲିଁ ସଢି ॥

❖

-୫-

ପରର୍ ସୁଖ୍ ଦେଖି ନାଇଁ ପାରୁଛ ସହି
ଗୋଡ୍‌କେ ଦଉଛ ଘିଚି ।
ନିଜର୍ ମୁଡେ ପଡ୍‌ଲେ ଦୁଖ୍ ଦଶା
କଥାଥି ଯାଏସ ଖିଜି ॥

ତୁମେ ରହେତ ସଦାବେଲେ ସୁଖେ
ଦେଖିତ ପରର୍ ଦୁଖ୍ ।
କେ ଗୁଟେ କେନ ପାଏଲେ ପର୍‌ଶଂସା
ଛାତି ହେସି ଧୁକ୍ ଧୁକ୍ ॥

❖

-୬-

ରାଖି ଗୁଟେ ବାଂଧିଲେ ଭାଏର୍ ହାଁତେ
ବଢ଼ିଯାଏସି ସତେ ଭାବ୍ ।
ଭାଏ ବୁହେନ୍ ର ସେନହ ଆଦର୍
ରହିଥିସି ତାର୍ ଛାପ୍ ॥

ରାଖିଥି ଭରିଛେ ପ୍ରେମର୍ ବଂଧନ୍
ନାଇସେ ଛୁଟିଆ ଡୋର୍
ସରାବନ୍ ମାସର୍ ପୁନି ଦିନ୍‌କେ
ରଖିଥିସନ୍ ସଭେ ସୋର୍ ॥

❖

-୭-

ଲୋକ୍‌କୁଁ ଗିଆନ୍ ଦେଇ ଦେଇ ଯାହାର
ପାଚିଛେ ମୁଡର୍ ବାଲ୍ ।
ତାର୍ କଥା ଏଭେ ନାଇଁ ଶୁନ୍‌ବାର୍
ଦେଖତ ଦୁନିଆର୍ ହାଲ୍ ॥

ନିଜକେ ନିଜେ ଭାବୁଛନ୍ ବଡ୍ ଲୋକ୍
ନାଇନ ବୁଧି ଗିଆନ୍ ।
କାହାର୍ ସାଙ୍ଗେ କେନ୍ତା ହେସନ୍ କଥା
ସେଟାକେ ଦିଅ ଧିଆନ୍ ॥

❖

-୮-

ଅନିଏ ଉପେଥି ଅରଜିଲା ଧନ୍
ନାଇଁ କହେବ ମୋର୍
କେନ୍ କେନ୍ ଆଡୁ ଯିବା ପଲେଇ
ନାଇଁ ପାଇପାର ସୋର୍ ॥

ଲୁକର୍ ମୁଡ୍ ମାରି ଛଁଚିଛ ସଂପତ୍
ସେଥି କେତେ ବାହାଦୁରି ।
ଉପରବାଲା ସବୁ ଦେଖୁଛେ ଜାନୁଛେ
ନାଇଁ ପାର କେଭେ ତରି ॥

❖

-୯-

ହେଇଗଲେ ବାଟେଘାଟେ ଦୁର୍‌ଘଟଣା
ନାଇଁ କର୍‌ବାର୍ ସାହେଜ୍ ।
ଫଟୁ ଉଠେଇ ଖାଲି ନେସନ୍ ମଜା
ନାଇଁ ନ ଟିକେ ଲାଏଜ୍ ॥

ଗୋଡ୍ ହାତ୍ ଭାଂଗି ଛଟ୍‌ପଟଉଛନ୍
ସୁନା ରୂପା ନଉଛ ଲୁଟି ।
ଲୁକର୍ ଜୀବନ୍ କାନ୍ଦ୍‌ଲା ବେଲେ
କରୁଛ ଭ୍ରୁର୍‌କୁଟି ॥

❖

**-୧୦-**

ବେଲ୍ ଉଦାଠାନୁ ବେଲ୍ ବୁଡା ତକ୍
ହଉଛେ ଯେନ୍ ଖରା ।
ଘରୁ ଭଁଟାକେ ନାଇଁ ହେବାର୍ ବାହାରି
ତତି ଯଉଛେ ଧରା ॥

ଆସ ମିଲିମିଶି କରି ସଭେ ଜଗାମା
ଗୁଟେ ଗୁଟେ ଗଛ୍ ।
ଖରା ବର୍‌ଷା ଠାନୁ ଯିମା ତରି
ନାଇଁ ଭାବ ଆଗ୍ ପଛ୍ ॥

❖

-୧୧-

ପର୍‌ହର୍ ଧନ୍‌କେ କଲେ ଆସ୍‌ରେ
ଯହଦିନ୍ ନାଇଁପାର ଚଲି ।
ନିଜର୍ ହାତେ କମେଇ ଖାଏଲେ ମୁଠେ
ବଛର୍ ବଛର୍ ଯିବା ଟଲି ॥

ଲୁକର୍ ମୁଡ୍‌ମାରି ଆର୍‌ଜିଲେ ଯେତେ
ନାଇଁ ଅଁଟେ ସେ ଧନ୍ ।
ଦେଇଛେ ତ ମାହାଁପୁରୁ ଗୋଡ୍‌ହାଁତ୍
କାମ୍ କବାରେ ଲଗ ମନ୍ ॥

❖

-୧୨-

ଆଇଛେ ଆଏଜ୍ ଫଗୁନ୍ ପୁନି
ଖେଲ୍‌ମା ମିଶି ରଂଗ୍ ।
ଲୁକର୍ ଦିହେଁ ମୁଁଡେ ଲଗେଇ ଫଗୁ
ବଦ୍‌ଲାମା ମୁହଁର୍ ଢଂଗ୍ ॥

ଭାବର୍ ରଂଗ ଭାବେ ଦେମା ଲଗେଇ
ରାଗ୍ ରିସ୍‌ମି ପାସ୍‌ରି ।
ଖେଲ୍‌ମା ରଂଗ୍ ଧରି ପିଚ୍‌କାରି
ସାଂଗ୍ ସର୍‌ସି ଆବ୍‌ରି ॥

❖

**-୧୩-**

କେ କାଣା କରୁଛେ ଖାଉଛେ ପିଉଛେ
ନାଇଁରଖ ସେ ଖବର୍
ନିଜେ କେନ୍ତା ହେବ ଅଏନ୍ ମୁନୁଷ୍
ହେଟାକେ ଦିଅ ନଜର୍ ॥

ପାଁଚ୍ ଲୁଖେ ହେଲେ ଅଏନ୍ ମୁନୁଷ୍
କହେବେ ସଭେ ବନେ ।
ତୁମ୍‌କେ ବଦ୍‌ନାମ୍ କର୍‌ବା ଆଘୋ
ଭାବ୍‌ବେ ଘଡେ ଛନେ ॥

❖

**-୧୪-**

ପଏସା କମାମି ବଲି ଦିନ୍ ରାଏତ୍
ଖେଲୁଛ ଖାଲି ସଟା ।
ଖାଏବାର୍ କେ ନି ମିଲେ ରହେବ ଭୁଖେ
ହେଇଯିବ ପଛେ ଚଠା ॥

ଜୁଆ ଖେଲି ନାଇଁ ହୁଅ ବଡ୍ ଲୋକ୍
ପଡିଯିବ ବାବୁ ତଲେ ।
ଖଟି କରି କମାଲେ ଦୁଇ ପଏସା
ଖାଏବ ଗର୍‌ସେ ଭଲେ ॥

❖

**-୧୫-**

ସବୁ ଦୁଖ୍ ଦଶା ସହିକରି ନାରୀ
କର୍‌ସି ସବୁ କାମ୍ ।
ସବୁ କାମ୍‌ଧାମେ ଆଗ୍‌କେ ବଢି
ସବୁଠାନେ ଅଛେ ନାମ୍ ॥

ମା ବୁହେନ୍ ସ୍ତ୍ରୀ ରୁପେ ହେଇ ଜନମ୍
ଆଘେ ହଉଛେ ଠିଆ ।
ଯେତେ ଦୁଃଖ୍ ଦଶା ବିପଦ୍ ଆସୁ
ନାଇଁହାରେ କେଭେ ହିଆ ॥

❖

**-୧୬-**

କେତେ ଅଏନ୍ କାମ୍ କରିଥିଲେ
ଦେସୁ ମୁନୁଷ୍ ଜନମ୍ ।
ସୁଖ୍ ନାଇଁ ପାର୍‌ଲି ଜାନି ପର୍‌ଭୁ
ଫଟା ମୋର୍ କରମ୍ ॥

କଥା କହି ବୁଝି ପାର୍‌ସି ବଲି
ମୁନୁଷ୍ ସବୁନୁ ବଡ଼ ।
କଁଟା ଝୁଟା ପଥର୍ ବାଟ୍ ପଡ୍‌ଲେ
ହେସି ସବୁ ଗଡ୍‌ବଡ୍ ॥

❖

-୧୭-

ଧନ୍ ସଂପତି ଥିଲେ କାଏଁଟା ହେବା
ମୁହେଁ ନାଇଁଥିଲେ ହଁସି ।
ଗରିବ୍ ଘରର୍ ଛୁଆ ହେଲେ ବି
ମନେ ଅଛେ କେତେ ଖୁସି ॥

କମାଲେ କୁଟାଲେ ଖାଏସୁ ଆମେ
ଲୋଭ୍ ନାଇଁ କରୁଁ ଧନ୍ ।
ପଏସା ଲାଗି ତୁମର୍ ଯାଏସି ଦିନ୍
ଥାବେ ନାଇଁ ରହେ ମନ୍ ॥

❖

-୧୮-

ହୁହୁ ହେଇ ବଢିଯଉଛେ ଖରା ତାତି
ନିଥିରି ପଡୁଛେ ଝାଲ୍ ।
ଘରୁ ଭଟାଁକେ ବାହାରି ନାଇଁ ହେବାର୍
ସିଝି ଯଉଛେ ଛାଲ୍ ॥

ସଁସଁ ମାରୁଛେ ଖାଲି ତତ୍‌ଲା ପବନ୍
ଜଂଗଲ୍ ଗଲାନ ବୁଡି ।
ଆମର୍ ଗୁଡ୍‌କେ ଆମେ ମାରି ଚୋଟ୍
ଛାଡୁଛୁଁ କେତେ ରଡି ॥

❖

-୧୯-

ଆଗେ ଗହଗହ ହେଇ ହେସନ୍ କଥା
ପଛେ ମାର୍‌ସନ୍ ଚୋଟ୍ ।
ହେନ୍ତା ଲୋକ୍‌ନୁ ଥିବ ଟିକେ ଦୁରିଆ
ନିହେଲେ ଦେଖିବ କୋଟ୍ ॥

ଗୁଟେଠାନେ ବସି ଖାଏବେ ପିଇବେ
ହେଲେ କରିଦେବେ ପର୍
ନିଜର୍ ଲାଗି ନାଇଁ ଦେଖନ୍ ଆଗ୍‌ପଛ୍
ଭାଂଗ୍‌ବେ ଅଲ୍‌ଗା ଘର୍ ॥

❖

-୨୦-

ଜୁଏ ଜାଲି ଜଙ୍ଗଲ ଦଉଛ ପୁଡେଇ
କହୁଛ ମାକଡ୍ ବିହା ।
ଗଛ୍‌ଖୁଟ୍ ପୁଡି ହେଉଛେ ଖଏତ୍
ନାଇଁ କର୍‌ବାର୍ ଆହା ॥

ତାତିଥି ଚେରେ ଚିର୍‌ଗୁନ୍ ପଶୁ
ହଉଛନ୍ ଡହଲ୍ ବିକଲ୍ ।
ମହୁଲ୍ ସାଂଗେ ହଉଛେ କୁଇଲା ବିକା
ଦେଖ୍‌ତ କେନ୍ତା ଅକଲ୍ ॥

❖

-୨୧-

କମଉଛ ଯେତେ ଟଁକା ପଏସା
ମଦ୍ ପିଇ ଦଉଛ ସାରି ।
ପିଲାଛୁଆ କଥା ନି ଭାବ୍‌ବାର୍ ଟିକେ
ନିଶାଥି ହଉଛ ଘାରି ॥

ଘର୍ ଦୁଆର୍ କୁଟୁମ୍ କେ କର ନିଘା
ରହୁଛନ୍ ସଭେ ଭୁଖେ ।
ପରହର୍ କଥା ନ ନାଇଁ ଚାଲ ବାଟ୍
ଘର୍‌କେ ରଖ ସୁଖେ ॥

❖

-୨୨-

ଦିନ୍ ରାଏତ୍ ଖେଲୁଛନ୍ ଫ୍ରି ଫାୟାର୍
ଖାନାପିନା କେ ପାସ୍‌ରି ।
ଧର୍‌ଧର୍ ମାର୍‌ମାର୍ କରୁଛନ୍
ମୁବେଲ୍ ଗୁଟେ ଆବ୍‌ରି ॥

ପଢାଶୁନା କେ ନାଇଁ ଦେବାର୍ ମନ୍
ଖେଲେ ଯାଇଛନ୍ ମାତି ।
ଡାକି ଡାକି କରି ହେଇଯିବ ଅଥା
ବୁଡିଯିବା ତୁମର୍ ଗତି ॥

❖

-୨୩-

ଆଏଜ୍ ତୁମର୍ ବଏସ୍ ଅଛେ ବଲି
କରୁଛ କେତେ ଠାନି ।
କାଏଲ୍ ବଏସ୍ ପଲାଲେ ତୁମେ ବି
ହେବ ଦିନେ ଘାଁଟିସାନି ॥

ସବୁଦିନ୍ ନାଇଁ ରହ ଏନ୍ତା ଯୁଆନ୍
ନାଇଁ ମାର ଫୁଟାନି ।
ସମିଆଁ ଆଏବା ଭାଙ୍ଗିଯିବା ଗରବ୍
ଉତ୍‌ରିଯିବା ମୁହୁଁ ପାନି ॥

❖

-୨୪-

ବାପ୍ ପୋ କକା ପୁତ୍‌ରା ଦଦା ବହୁ
ଭୁଟେ ହଉଛନ୍ ଠିଆ ।
ଆମର୍ ଭୁଟର୍‌ମାନ୍‌କୁ ଇ ମନେ
ବନଉଛନ୍ ଭକୁଆ ॥

ଲାଗୁଛନ୍ ଉପ୍‌ରେ ଉପ୍‌ରେ ଗାଲି
ଭିତ୍‌ରେ ଅଛନ୍ ପଟି ।
ଟଁକା ଲୁଭେ ପଡି କୁଟୁମ୍‌ର ସଭେ
ଧରିଛନ୍ ଗୁଟେଗୁଟେ ପାଟି ॥

❖

-୨୫-

ନାଇଁ ଚିନ୍‌ଲା ଲୋକ୍‌କେ ଚିନ୍‌ହୁଛନ୍
ଭୋଟ୍ ଆଏଲା ବଲି ନେତା ।
ଯାହାକେ ଦେଖ୍‌ଲେ ମୁହୁଁ ମୁଡୁଥିଲେ
ଆଘୋ ହଉଛନ୍ କଥା ॥

ସାନ୍ ବଡ୍ କିଛି ନାଇଁ ବାରିବାର୍
ସମ୍‌କେ ଟେକୁଛନ୍ ହାତ୍ ।
ବାଛ୍‌ବିଚାର୍ ସବୁ ପାସ୍‌ରିଦେଲେ
ସାଁଗେ ଖାଉଛନ୍ ଭାତ୍ ॥

❖

-୨୬-

ଭଲ୍ ପାଇ କରି ଯଦି ହେଲେ ବିହା
ନାଇଁ ମିଲେ କେଭେ ସୁଖ୍ ।
ମାଆଁ ବୁଆ କଥାକେ ନାଇଁ ମାନ୍‌ଲେ
ପାଏବ ଖାଲି ଦୁଖ୍ ॥

ପୋଓ ଝିଇ ହସିଖୁସି ରହୁନ୍ ବଲି
କରସନ୍ ସେ ବେବସ୍ଥା ।
ସେ କଥାକେ ନାଇଁପାରନ୍ ବୁଝି
ଲୁକେ କର୍‌ସ ହିନୀସ୍ତା ॥

❖

-୨୭-
ଧନ୍ ଥିଲେ ପାଖେ ସଭା ଭିତ୍‌ରେ ବସ୍‌ସି
ମୁରୁଖ୍ ହଉ କି ଗ୍ୟାନି ।
କଥା ପଛେ ନାଇଁ ଜାନୁଥିବା ସେ କହି
ମାରୁଥିବା କେତେ ଠାନି ॥

ଗରିବ୍ ଲୋକ୍ କେ ନାଇଁ ପଚ୍‌ରାନ୍ କେହେ
ତାର୍ ଯେତେ ଥଉ ବୁଧି ।
ନାଇଁ ରଖନ୍ ତାହାକେ ଆଖେ ପାଖେ
ଧୁର୍ କେ ଦେସନ୍ ଖେଦି ॥

❖

-୨୮-
ନିଜର୍ ବେଲ୍‌କେ ବୁଆ ଧନ କହି
ସବୁ କାମ୍ ଦେବେ ସାରି ।
ତାକର୍ ସମିଆଁକେ ହେବେ କେରେଇ
ଡାକି ଡାକି ଯିବ ହାରି ॥

ନିଜ୍‌କେ ଯେନ୍ ଭାବୁଛ ହୁସିଆର୍
ପଡ୍‌ବ ଦିନେ ଖାଲେ ।
ଉପର୍‌ବାଲା ସବୁ ଦେଖୁଛେ ଜାନୁଛେ
ପକାବା ତାର୍ ଜାଲେ ॥

❖

-୨୯-
ଗୁଟେ ଟୁକେଲ୍‌ର ପଛେ ପଡିଛ
ତିନ୍‌ଟା ଚାଏର୍‌ଟା ପିଲା ।
କିଏ ଫୁନ୍ କିଏ ଘଡି ଦେଇ ତାହାକେ
କରୁଛ ପଛେ କିଲା ॥

ପିଲାକର୍‌ନୁ ଭଲ୍ ପାଉଛେଁ ବଲି
ଉସତେ ବଜଉଛ ଘଁଟି ।
ଟୁକେଲ୍ ଆର୍ କାହାର୍‌ନୁ ହେଲେ କଥା
ଦଉଛ କାଟି ତାର୍ ତଁଟି ॥

❖

-୩୦-
ସମିତି ସରପଁଚ୍ ଓ୍ୱାର୍ଡ ମେମର୍
କରୁଛେ ମାହେଜି ସିଟ୍ ।
କେନ୍‌ସିନେ ମାହେଜିର୍ ଦେଖା ନାଇଁ
ମୁନୁଷ୍ ସବୁନ ଫିଟ୍ ॥

ମାହେଜିକେ ସର୍‌କାର୍ ଦଉଛେ ଗାଦି
ମୁନୁଷ୍ ଛେକୁଛେ ବାଟ୍ ।
ସବୁଠାନେ ମୁନୁଷ୍ ଆଗପତି ହେଇ
କରୁଛନ୍ ଖାଲି ନାଟ୍ ॥

❖

**-୩୧-**

ଯେନ୍ ଲୋକ୍ ନାଇଁ ବୁଝେ ଯହ କଥା
ତାହାକେ ଭାବୁଛ ଭକୁଆ ।
ବେଜେର୍‌ବେଜେର୍ ହଉଥିସି ଯିଏ
କହୁଛ ବଡେ ବୁଧିଆ ॥

ଯହ କମ୍ କଥାଥି ନାଇଁ ପଡେ ଜନା
କିଏ ଶିଖିତ୍ ମୁରୁଖ୍ ।
ଆଚାର୍ ବେଭାରେ ରହେଲା ସବୁ
କାହାର୍ କେତ୍ତା ହୁରୁଦ୍ ॥

❖

**-୩୨-**

ନିଜ୍‌କେ କରିଦଉଛ ବିକ୍‌ରି
ପଏସାର୍ ଲୁଭେ ପଡି ।
ଇଜତ୍ ମହତ୍‌କେ ଭଁଟେ ପକେଇ
ଛାଡୁଛ କେତେ ରଡି ।

ଭାବୁଛ ଲୋକ୍ କହୁଛନ୍ ଅଏନ୍
ନାଇଁ ପାର୍‌ବା କିଛି ଜାନି ।
ଧନ୍ ସଂପଦ୍ ନାଇଁ ରହେ ସବୁଦିନ୍
ହଉଛ କେତେ ଘିଚିଟାନି ॥

❖

-୩୩-

ବଡ଼୍‌ଦାଣ୍ଡେଁ ଭକତ୍ କର୍‌ବେ ଦରଶନ୍
ରଥେ ଆସ୍‌ବେ ଜଗନାଥ୍ ।
ବଛରକେ ଥରେ ବାହାରୁଛନ୍ ଭଁଟାକେ
କର୍‌ବ ଗୁହାରି ଯୁଡ଼ି ହାତ୍ ॥

ଭକ୍‌ତି ଆରୁ ପରଛା ମନେ ମାଗ୍‌ବ ଯାହା
ମନ୍ ନାଇଁ କରେ ଊନା ।
ସାରା ଜଗତ୍ କେ ତ ପାଲୁଛେ ପୁଷୁଛେ
ଆଏ ସେ କାଲିଆ ସୁନା ॥

❖

-୩୪-

ଝାର୍ ଜଂଗଲ୍ ପତ୍‌ରା ସବୁ କାଟି
କରିଦଉଛ କୁର୍‌କୁଟି ।
କେଡେ ରିସେ ହଉଛେ ଖରା ବଲି
କରୁଛ ଘାଏ ଭୁର୍‌କୁଟି ॥

ହସିଖୁସିଥି କଟ୍‌ତା ଆମର୍ ଦିନ୍
ବଢାତାଁ ଯଦି ଝାର୍
ଡୁଗ୍ ଡୁଗ୍ ମୁଟ୍ ମୁଟ୍ ଦେଖୁଥିଲେ
ଖରାଥି ହେମା ଖାର୍ ॥

❖

-୩୫-
ମଦ୍ ପିଇଲେ ବାହାରିସି ଗିଆନ୍
ନିହେଲେ ନି ଫୁଟେ ଟୁଁଣ୍ ।
ଲୋକ୍‌କୁ ଦେଉଥିସ ପର୍‌ବଚନ୍
ନିଶାଥିଁ ଭରିଛେ ଗୁନ୍ ॥

ଦିହେଁ ନି ଥିଲେ ନିଶା କେଡେ ସୁତର୍
ଚାଲ୍‌ସ ମୁଣ୍ଡ୍ ଝୁକେଇ ।
ଢୁକେ ପଡ୍‌ଲେ ଚାଲ୍‌ସ ଛାତି ଡେରି
ଗୋଡ୍‌କେ କେତେ କେରେଇ ॥

❖

-୩୬-
ଲୋକ୍‌କୁ ତୁମେ ଚିନ୍‌ହ ନାଇଁ ଚିନ୍‌ହ
ହୁଅ ପଦେ ଭଲ୍ କଥା ।
ତାହାକୁ ଦିଅ ଅଏନ୍ ବେଭାର୍
ନାଇଁକର ହିନିସ୍ତା ॥

ମୁନୁଷ୍ କେ ମୁନୁଷ୍ ଭଲିଆ ଦେଖ
ନାଇଁ କର ପଶୁ ସମାନ୍ ।
ପଟିଉଟି କରି ରହେଲେ ସଭେ
ବଢ୍‌ସି ସତେ ମାନ୍ ॥

❖

-୩୭-

ଭକ୍ତି କରି ଧରୁଛ ପରଭୁ ନାମ୍
ରହିକରି ଉପାସ୍ ।
ଲୁକର୍ ଭିତ୍‌ରେ ଗୁଏଲ୍ ଲଗେଇ
କୁଟୁମ୍ କରୁଛ ନାଶ୍ ॥

ହାଁତ୍ ଯୁଡ଼ିକରି ମାହାଁପୁରୁ ଠାନେ
ଉସତେ ଗାଉଛ ଗୀତ୍ ।
ସମିଆଁ ଦେଖି ଟିକେ କଲେ ସାହେଜ୍
ଲୁକର୍ ହେବା ହିତ୍ ॥

❖

-୩୮-

ରଝୋ ରଝୋ ବରଷିଲା ପାଏନ୍
ବନ୍ କଁଟା ଗଲା ଭୁସ୍‌ଲି ।
ଖେତ୍‌ଖଲା ଜମିବାଡ଼ି ଗଲା ବୁଡ଼ି
ନଏଦ୍ ନଲିଆ ଉଛ୍‌ଲି ॥

ସଁସଁ କରି ବରଷା ଆଏଲା ଚାପି
ଘରକେ ଢୁକ୍‌ଲା ପାଏନ୍ ।
ଗାଏ ଦାମୁର୍ ଛେଲ୍ ମେଢ଼ି ଗଲେ ଭାସି
ନାଇଁ ଲାଗୁଛେ ଅଏନ୍ ॥

❖

-୩୯-

ଲୋକ୍ ଚିନ୍‌ହି କରି ଦିଅ ଭୋଟ୍
ପଏସା ନାଇଁକର ଆଶ୍ ।
ମଦ୍ ଶିକାର୍ ଖାଇ ବାଛ୍‌ଲେ ଲୋକ୍
ପଛେ ପାଏବ ଫାଶ୍ ॥

ଅଏନ୍ ପଢାଶୁନା ଲୋକ୍‌ଟେ ଯଦି
ଗାଦିରେ ଥିବା ବସି ।
ଗାଁର୍ କାମ୍ ହେଲେ ଲାଗ୍‌ବା ଉସତ୍
ମୁହୁଁ ବାହାରିବା ହସି ॥

❖

-୪୦-

ପଡା ପଡା ଘର୍ ଘର୍ ବୁଲିବୁଲି
କରୁଛନ୍ ଟାଉଟର୍
କାମ୍‌ଧାମ୍ କିଛି ନାଇଁ ଭାଙ୍ଗୁଛନ୍
ଖାଲି ପରହର୍ ଘର୍ ॥

ଅଲ୍‌ଗା ଲୁକର୍ ହଁସିଖୁସି ଦେଖି
ନାଇଁପାରନ୍ ସହି ।
ଗୁଏଲ୍ ଝଗର୍ ଲଗେଇ ଦେସନ୍
ଇଆଡୁ ସେଆଡୁ କହି ॥

❖

-୪୧-

ମଦ୍ ପାଏନ୍ ଶିକାର୍ ଫୁଟେ ପାଏଲେ
ଦଉଛ ତାହାକେ ଭୋଟ୍ ।
ଜିତ୍‌ଲା ପରେ କଲେ ତାହାକୁ ଗୁହାରି
ପକାବେ ଏତ୍‌କେ ଚୋଟ୍ ॥

ଭୁଜିଭାତ୍ ଟଁକା ପଏସା ଉପ୍‌ରେ
ନାଇଁକର ଟିକେ ଲୋଭ୍ ।
ପେ  ତ୍ ଲାଗି ଯିଏ କର୍‌ବା କାମ୍
ତାହାକେ ଦିଅ ଭୋଟ୍ ॥

❖

-୪୨-

ମଗ୍‌ଶିର୍ ମାସର୍ ଗୁର୍‌ବାର୍ ଦିନେ
ଝୁଟିଥି ହେସି ଘର୍ ସଜା ।
ସକାଲୁ ଗାଧି଼ ଲଖ୍‌ମି ଠାକୁରାଣୀକେ
କରସନ୍ ମନ୍‌ଦେଇ ପୂଜା ॥

ମାଁ ଯାହାକେ ହେଲେ ସାହା ଭରସା
ଧନ୍‌ଥି ଘର୍ ଯାଏସି ପୁରି ।
ଆଉ୍ ଆଁଖି ମାଁ ଲଖ୍‌ମି ଦେଲେ ଦେଖି
ସବୁସଂପତି ଯାଏସି ସରି ॥

❖

-୪୩-

ଖକୋ କବାଡି ଲୁକ୍‌ଲୁକାନି ଖେଲ୍
ସବୁ ଦେଲେନ ପାସ୍‌ରି ।
ଫ୍ରି ଫାୟାର୍ ଗେମ୍ ଖେଲୁଛନ୍ ଛୁଆ
ମୋବାଇଲ୍‌କେ ଆବ୍‌ରି ॥

ବାଗ୍‌ଡି ଡାହିବାଁକ୍‌ଡି କେଲି ପିଥୁ
ଗଲାନ ସବୁ ଉଭି ।
ମାଁ ବୁଆ ବି ଛୁଆ କେ ଫୁନ୍ ଧରେଇ
ଯଉଛନ୍ ସେମନେ ଫାବି ॥

❖

-୪୪-

ଦାଇଁ ଫାନ୍ଦିକରି କି ଘୁଡ୍‌ଘୁଡୁଥି
ନାଇଁ ମଡାବାର୍ ଧାନ୍ ।
କମ୍ ସମିଆଁଥି ଯନ୍ତର୍ ପାତିରେ
ସାରି ଦଉଛନ୍ କାମ୍ ॥

ଆଘୋନୁ ରାତି ଦୁଇ ବଜେ ଉଠି
ଲୋକ୍ ଯଉଥିଲେ ମଡେଇ ।
ଦିନ୍ ରାଏତ୍ ସାରା କରୁଥିଲେ କାମ୍
ଶୀତେ ଥର୍ ଥରେଇ ॥

❖

-୪୫-

ମୁନୁଷ୍‌କେ ମୁନୁଷ୍ ଭଲିଆ କର ବେଭାର୍
ନାଇଁ କର ତାହାକେ ପଶୁ ।
ଭୁଲ୍ ଭଟ୍‌କା ଟିକେ ହେଇଗଲେ କାହାର୍
ଖିଲ୍‌ଖିଲେଇ ଖାଲି ହସୁ ॥

ଜୀବନ୍‌ଥିଁ ଥରେ ତୋର୍ ବି ପଡ୍‌ବା ପାଲି
ଇ କଥାକେ ରଖିଥିବୁ ସୋର୍
ପର୍‌କେ ଅହରହ ନାଇଁ କର ଆଏଁଖି
ନିଜର୍ କାମ୍‌କେ ଦିଅ ଜୋର୍ ॥

❖

-୪୬-

ପଏସା କମାମି ବଲି ଦିନ୍ ରାଏତ୍
ଖେଲୁଛ ଖାଲି ସଟା ।
ଖାଏବାର୍ ନାଇଁ ମିଲେ ଖେଲ୍‌ଲେ ଜୁଆ
ହେଇଯିବ ପଛେ ଚଠା ॥

ଜୁଆ ଖେଲି ନାଇଁ ହୁଅନ ବଡ଼ ଲୋକ୍
ପଡ଼ିଯିବ ବାବୁ ତଲେ ।
ଖଟି କରି କମାଲେ ଦୁଇପଏସା
ଖାଏବ ଗର୍‌ସେ ଭଲେ ॥

❖

-୪୭-

ପିଲା ଟୁକେଲ୍ ସଭେ ଆଏ ସମାନ୍
କେହେ ନାଇଁସେ କମ୍ ।
ପିଲାର୍ କାମ୍ ଟୁକେଲ୍ ବି କର୍ସି
ନାଇଁ ହାରେ କେଭେ ଦମ୍ ॥

ଗରଭେ ଯଦି ଅଛେ ଟୁକେଲ୍ ଛୁଆ
ଜାନ୍ଲେ ଦଉଛନ୍ ମାରି ।
ଲୋକ୍ ଦେଖ୍ନିଆ କହେସନ୍ ଖାଲି
ଝି ଘରର୍ ଲଖ୍ଁ ଶିରି ॥

ମାଁବୁଆ କେ ନାଇଁ ପଚ୍ରାବାର୍ ପୋ
କରୁଛେ ଲାତ୍ବିଧା ।
ଝି ଥିଲେ କର୍ସି ପଚ୍ରା ଉଚରା
ନାଇଁ କରେ ଅସୁବିଧା ॥

❖

-୪୮-

ମାଁ ଲକ୍ଷ୍ମୀଦେବୀ ହେଲେ ସାହା ଭରସା
ଭୋକ୍ ଯାଏସି ମରି ।
ଆଉ୍ ଆଁଖି ଦେଖିଦେଲେ ଯାହାକେ
ନାଇଁ ପାରେ କେଭେ ତରି ॥

❖

-୪୯-

ନୂଆଁ ବଛ୍‌ରେ ଉସତ୍ ହେଇ କଲେ
ଶିକାର୍ ଭୁଜି ଭାତ୍ ।
ମଦ୍ ପିଇ ମାଉ୍ ମରଦନ୍ ଲାଗି
ଢାଲିଦେଲେ ମାରି ଲାତ୍ ।।

ବଛର ମୂଲେ ଖରାପ୍ କାମ୍ କଲେ
କାଏଁଟା ମିଲ୍‌ବା ଲାଭ୍ ।
ହେପି ନିଉ ଇଅର କହି ନାଚିଦେଲେ
ନାଇଁ ବଢେ ଆମର୍ ଭାବ୍ ।।

❖

-୫୦-

ଯୁଦ୍ଧ କଲେ ନାଇଁ ମିଲେ କିଛି ଲାଭ୍
ବୁହିବା ରକତ୍ ଧାର୍ ।
ଧନ୍ ଜୀବନ୍ ସବୁ ହେବା ଖଏତ୍
ହେଟା ଏକା ଆଏ ସାର୍

ମିଶିଗୁଲି କରି ହେଇ କଥାବାର୍ତ୍ତା
କରିଦିଅ ରଫାଦଫା ।
ଅବୁଝା ଭଲିଆ କର୍‌ଲେ କାମ୍
ହେଇଯିବା ସବୁ ସଫା ।।

❖

-୫୧-

ଲୁକର୍ ସାଂଗେ ମିଲିଗୁଲି ରହେଲେ
ବଢ଼ସି ସିନେ ଭାବ୍ ।
ଆଗ୍‌ପଛ୍ ନାଇଁ ଦେଖି କହେଲେ କଥା
ନାଇଁ ମିଲେ କିଛି ଲାଭ୍ ॥

ଧନ୍ ସଂପତି ଗୁର୍‌ଦୁ ଅଛେ ବଲି
କରୁଛ କେତେ ଟେକ୍ ।
ଆଏଜ୍ ଅଛେ କାଏଲ୍ ଗଲେ ସରି
ମୁଡ଼ି ହେଇଯିବା ବେଁକ୍ ॥

❖

-୫୨-

କାଗଜ୍ ପତରଥି ଯଉଛେ ସରି
ସବୁ ସର୍‌କାରୀ କାମ୍ ।
ଟଁକା ପଏସା ଘରେ ମାରୁଛନ୍ ଥାକ୍
ଲୋକ୍ ନଉଛନ୍ ନାମ୍ ॥

ଗାଁର୍ ବାଟ୍‌ଘାଟ୍‌ଥୁଁ ଆଁଠେ କାଦୋ
ନିଜର୍ ଘର୍ ଚିକନ୍ ।
କେତେ ବଛ୍‌ରେ ଥରେ ମିଲିଛେ ଗାଦି
ଦୁହାରିଦେ ସବୁ ଧନ୍ ॥

❖

-୫୩-

ହେଲ୍‌ମେଟ୍ ପିନ୍ଧିକରି ଚଲାଲେ ଗାଡ଼ି ମଟର୍ ।
ହିଟିପଡ୍‌ଲେ ବଁଚିଯିବାର୍ ଜୀବନ୍ ତୁମର୍ ॥
ଚଲଉଛ ଫଟ୍‌ଫଟି ମୁବେଲ୍ ବେକେଁ ଚେପେଇ ।
ଗଛେଖୁଟେ ପିଟିହେଇ ଜୀବନ୍ ଯଉଛେ ପଲେଇ ॥
ଇଅର୍ ଫୁନ୍ ଲଗେଇ କାନେ ଚଲଉଛ ଗାଡି ।
ହରନ୍ ମାର୍‌ଲେ ନାଇଁ ଶୁଭେ ଯାଏସି ମାଡି ॥
ମଦ୍ ପିଇ ଚଲାସନ୍ କେତେ ରଙ୍ଗେ ଢଙ୍ଗେ ।
ଝୁଁପେଇ ଦେସନ୍ ଖାଲେ ଜୀବନ୍ ପଲାସି ସାଁଗେ ॥

❖

-୫୪-

ନିଜ୍‌କେ ନିଜେ ଭାବି ବଢେ ସିଆନି
ଲୋକ୍‌କୁ ଦଉଛ ଗାଲି ।
ସେତବେଲେ ଦାନ୍ତ୍ କେ ଦେସ ଦେଖେଇ
ପଡ୍‌ଲେ ତୁମର୍ ପାଲି ॥

ସବୁ କଥା ତ ତୁମ୍‌କେ ଅଛେ ଜନା
ଫେର୍‌ବି କରସ ଭୁଲ୍ ।
ତୁମେ ଯଦି ହେତ ଅଏନ୍ ମୁନୁଷ୍
ବିରୋଧୀ ନି ହେତେ ଠୁଲ୍ ॥

❖

-୫୫-

ଗୋଡ୍ ହାଁତ୍ ଥୁଥିନା ଯଉଛେ ହଲି
ହଉଛେ ଏନ୍ତା ଜାଡ୍ ।
ଶାଲ୍ ସିଉଟର୍ ନାଇଁ ଦେବାର୍ କାମ୍
ହଉଛେ କାଁକର୍ ମାଡ୍ ॥

ଜୁଏ ଜାଲି ଲୋକ୍ ହଉଛନ୍ ସେକି
ଖଟେ ଦଉଛନ୍ ଉମେହି
ଚାଷୀ ଯବାନ୍ ପରିଶରମ୍ ବଲେ
ଶୀତ୍ ଯଉଛେ ଉଭେଇ ॥

❖

-୫୬-

ଖରା ବର୍ଷା ଶୀତ୍ କାଁକର୍ ସହି
ରଖୁଛନ୍ ଦେଶର୍ ମାନ୍ ।
ଭାରତ୍ ମାଆର୍ ଅସ୍ଲି ପୁଓ
ଦେମା ତାହାକୁ ସନ୍ମାନ୍ ॥

ସୀମାରେ ରହି କରୁଛନ୍ ସେବା
ଆମର୍ ବୀର୍ ଯବାନ୍ ।
ଦିନ୍ ରାଏତ୍ ରହୁଛନ୍ ଅନିଦ୍ରା
ତାହାକୁ କୋଟି ସଲାମ୍ ॥

❖

-୫୭-

ଯେନ୍ ପାଟିକେ ଯାହା ତାହା କରି
ଦଉଥିଲ କେତେ ଗାଲି ।
ଆଏଜ୍ ସେ ପାଟିଥି ମିଶିକରି
ସାଜିଛ ଗଲାର ମାଲି ॥

ଯାହାର୍ ନାଁଥି ପଦେ ନାଇଁ କହେଲେ
ନାଇଁ ଜିରୁଥାଇ ଭାତ୍ ।
ଚାଲୁଛ ଇହାଦେ ତୁମେ ମିଶି ବାଟ୍
ଧରାଧୁରି ହେଇ ହାତ୍ ॥

❖

-୫୮-

ଗୁଟେ ଗଛ୍‌କେ ଦଶ୍ ଝନ୍ ଜଗେଇ
କରୁଛ କାଏଁ ମଂଗଲ୍ ।
ଦଶ୍ ଝନ୍ ଗୁଟେ ଗୁଟେ ଗଛ୍ ଜଗାଲେ
ବଢ୍‌ତା ଝାର୍ ଜଂଗଲ୍ ॥

ଫଟୁ ଉଠେଇ ଲୋକ୍‌କୁ ଦେଖଉଛ
କରୁଛ ଗୁଟେ ବାହାନା ।
ଗଛ୍ ଜଗେଇ ନାଇଁ ନେବାର୍ ଯତନ୍
ସେଥି ଉଡଉଛ ବାନା ॥

❖

-୫୯-

ମାଆଁ ପୋର୍ ଲାଗି କର୍‌ସି ଯାହା
ନାଇଁ ହୁଏ କେଭେ ସୁଝି ।
ନିଜେ ଭୁକେ ରହି ଛୁଆ କେ ଖୁଆସି
କିଏ ପାର୍‌ବା ବୁଝି ॥

ମାଆଁ ଛଡା ଆରୁ କାହିଁ ନାଇଁ ମିଲେ
ଏତେ ସେନେହ ଆଦର୍ ।
ବୁଢାବୁଢ଼ି ହେଲେ ଦେସନ୍ ଛାଡ଼ି
ମାଆଁ ନାଇଁ କରେ ପାର୍ ॥

❖

-୬୦-

ଖରାଥି ଗଛ୍‌ଖୁଟ୍ ସାଂଗେ ଲୋକ୍ ବି
ହେଲେନ ମୁର୍‌କୁଟି ।
ଆ ବର୍‌ଷା ରାନୀ ଆ କେନ ଅଛୁ
ରଝୋ ରଝୋ ଦେ କୁଟି ॥

ହଉଛନ୍ ସଭେ ଡହଲ୍ ବିକଲ୍
ଦେଖି ଦେଖି ତୋର୍ ବାଟ୍ ।
ଗର୍‌ଜି ଘୁମ୍‌ରି କରି ଆ ଘାଏ ତୁଇଁ
ପୁରେଇ ଦେ ବନ୍ଧ୍ ଘାଟ୍ ॥

❖

**-୬୧-**

ଅଏନ୍ କାମ୍ କର୍ସି ଯେନ୍ ଲୋକ୍
ତାହାକେ ନାଇଁ ପସନ୍ ।
ଅନିଏ ଦୁର୍ନୀତିରେ ଯେ ରହୁଛେ ଡୁବି
ତାକେ ମିଳୁଛେ ଆସନ୍ ॥
ମିଛର୍ ବାଟ୍ କେ ପଏରଛା ଇନେ
କରି ଦେଇଛନ୍ ମେଲା
ସତ୍କେ ନାଇନ ବିଲ୍‌କୁଲ୍ ଠାନ୍
ହେସି ଖାଲି ଠେଲାପେଲା ॥

❖

**-୬୨-**

ନାଇଁ ସହି ହେବାର୍ ଆରୁ ଖରା ତାତି
ରଝୋରଝୋ ଦେ ବର୍ଷି ।
ଚାରିକୁତି ଲାଗ୍‌ଲେ ଟିକେ କାକଁର୍
ମୁହେଁ ଫୁଟ୍‌ବା ହସି ॥

❖

**-୬୩-**

ଟଁକା ପଏସା ଥିଲେ କାଏଁଟା ହେବା
ନାଇଁଥିଲେ ମୁନୁଷ୍ ପନ୍ ।
ଦେଲେ ଅଏନ୍ ବେଭାର୍ କହେବେ ବନେ
ନାଇଁଥଉ ପଛେ ଧନ୍ ॥

❖

-୬୪-
ଗାଲି ଝଗର୍ ମାଡ୍‌ଧର୍ କେ ଛାଡି
କଲେ ଲୁକର୍ ସେବା ।
ସୋର୍ କର୍‌ବା ତମ୍‌କେ ଇ ଦୁନିଆଁ
ଯେତେଦିନ୍ ତକ୍ ଥିବା ॥
❖

-୬୫-
ଗରିବ୍ ଉପ୍‌ରେ ମାଁ କଲେ ଦୟା
ପୁରି ଯାଏସି ଘରେ ଧନ୍ ।
ଧନୀ ସବୁ ସଂପ୍ତି ଦେସି ହରେଇ
ଭାଙ୍ଗିଗଲେ ତୋର୍ ମନ୍ ॥
❖

-୬୬-
ବଡ୍ ଲୋକ୍ ଗୁଟେ ଆଏ ବଲି ସେ
ଦଉଛୁଁ ତାକେ ସମ୍ମାନ୍ ।
ହେଲେ ନାଇନ ତାର୍ ମୁନୁଷ୍ ପନ୍
ଲୋକ୍‌କୁ ଦେସି ଅପମାନ୍ ॥
❖

-୬୭-
ଦିନୁଦିନ୍‌କେ ବଢି ଯଉଛେ ଖରା
ନିଥିରି ପଡୁଛେ ଝାଲ୍ ।
ଗଛ୍‌ଖୁଟ୍ କାଟି କରୁଛୁଁ ଚାତର୍
ହଉଛେ ଆମର୍ କାଲ୍ ॥
❖

-୬୮-
କେତେ ରୂପେ ଧରା ଧାମେ ନେଇ ଜନମ୍
ଅସୁର୍ ମାନକେ କଲୁ ସଂହାର୍
ଫେର୍ ଘାଏ ଇ ମରତ୍ କେ ଆସିକରି ମାଁ
କମେଇ ଦେ ପାପର୍ ଭାର୍ ॥

❖

-୬୯-
ଜିଇଁ ଥିବାର୍ ତକ୍ ନାଇଁ କହନ୍
ସେ ଗୁଟେ ଅଏନ୍ ମୁନୁଷ୍ ।
ମରିଗଲେ ପସ୍ତେଇ ହେବେ ଦୁଇ ଦିନ୍
ଗାଇ ଗାଇ ତାର୍ ସବୁ ଗୁନ୍ ॥

❖

-୭୦-
ରୁଗି ବେମାରି ଗଲେ ଡାକ୍ତରଖାନା
ଲେଖୁଛେ ଉଷୋ ଗଦାଗଦା ।
ଦୁକାନୀ ଲୁକର୍‌ନୁ ଠକି ନଉଛେ
ପଏସା ଭୁଗାଭୁଗା ॥
ଉଷୋ ଦୁକାନୀ ଆରୁ ଡାକ୍‌ତର୍
ରଖିଛନ୍ ତାଲ୍‌ମେଲ୍ ।
ଦୁଇ ଝନ ମିଶି ଲୁକର୍ ସାଂଗେ
ଖେଲୁଛନ୍ ବଢିଆ ଖେଲ୍ ॥

❖

-୭୧-

ଲାଗ୍‌ସି କେତେ ମଜା ପର୍‌ହର୍
ଝିକେ କଲେ କମେ ।
ତୁମର୍ ଲୋକ୍‌ବାଗ୍ କେ ଦେଖି ଦେଲେ
ଲାଗ୍‌ସି ତୁମ୍‌କେ କରେ ॥

ତୁମର୍ ନାନୀ ବୁହେନ୍ ଆଏ ମୁନୁଷ୍
ବାକିଟା ମାଏଟ୍ ମୁଡା ।
ସମ୍‌କେ ସମାନ୍ ନଜ୍‌ରେ ଦେଖ୍‌ଲେ
ନାଇଁ ମିଲେ ମାଡ୍ ହୁଡା ॥

❖

-୭୨-

ମନ୍‌ଦେଇ ପର୍‌ଭୁ ପାଦେ କଲେ ସେବା
ନିଶ୍ଚେ ମିଲ୍‌ବା ଫଲ୍ ।
ମନ୍ ଭିତ୍‌ରେ ରଖିଥିଲେ କପଟ୍
ନାଇଁ ହୁଏ ସଫଲ୍ ॥

ଯେନୁ ଡାକ୍‌ଲେ ଶୁନ୍‌ବେ ମାହାଁପୁରୁ
ନାଇଁ କଲେ ବି ଖରଚା ।
ଭକ୍‌ତି ନାଇଁ ଥିଲେ କାଏଁଟା ହେବା
ଫଲ୍‌ମୁଲେ କଲେ ଚର୍‌ଚା ॥

❖

-୭୩-

ଯେନ୍ ବତ୍‌ରେ ହଉଛେ ଖରା ଘରୁ
ନାଇଁ ହେବାର୍ ବାହାରି ।
ଝାର୍ ଜଂଗଲ୍ ସବୁ ସରିଗଲାନ
ଚିନ୍ତା ନାଇଁ କାହାରି ॥

ଗଛଖୁଟ୍‌କେ ନାଇଁ କାଟିକରି
କର ତାହାକେ ଯତନ୍ ।
ଆଗ୍‌କେ ଆରୁ ହେମା ହଏରାନ୍
ନାଇଁ ହେଲେ ସଚେତନ୍ ॥

❖

-୭୪-

ମାଁ ଗୋ ମୋର୍ ପାଟ୍‌ମେଶ୍ୱରି ଦେବୀ
ଶୁନୁଥିବୁ ଟିକେ ଗୁହାରି ।
ତୁଇଁଯଦି ହେଲେ ମାଁ ସାହା ଭରସା
ନାଇଁ ଯାଏଁ କେଭେ ହାରି ॥

ଉବାଟେ ଯାହାର୍ ପଡୁଛେ ପାହା
ବାଟ୍‌କେ ଆନ୍ ଘିଚି ।
ଅମାନ୍‌ତିଆ ଲୋକ୍‌କେ କର୍ ସାବାଡ୍
ସଂସାର୍ ଯାଉ ବଁଚି ॥

❖

-୭୫-

ପୁଓ ବୁଲୁଛେ ଇ ପରା ସେ ପରା
ମାଆଁ କରୁଛେ କମାନି ।
ହାତେ ନାଇନ ତାର୍ ଦୁଇ ପଏସା
ମାର୍ସି କେତେ ଫୁଟାନି ॥

ଘରେ ମାର୍ଧର୍ ଗାଲିଝଗର୍ ଲାଗି
ଇଜତ୍ ବିକୁଛେ ଭଁଟେ ।
ମିଲିଗୁଲି କମାଲେ ଦୁଇ ପଏସା
ରହେସି ସେଟା ଅଁଟେ ॥

❖

-୭୬-

ମଦ୍ ପିଇ ନାଇଁ ପାର୍‌ବାର୍ ଚାଲି
ପଡୁଛ ହେଇ ମୁର୍‌କୁଟି ।
ଘର୍‌କେ ଆଏଲେ ମାହେଜି ସାଁଗେ
କରୁଛ କେତେ ଭୁର୍‌କୁଟି ॥

ପର୍‌ହର୍ ଘରେ ଭୁତିଦୁଖ୍ କରି
ଆନୁଛେ ଯାହା କମେଇ ।
ଗାଲିଝଗର୍ ପିଟାମରା କରି
ନଉଛେ ସବୁ ଛଡେଇ ॥

❖

-୭୭-

ଚାଷୀ ଭାଏର୍ ବଢେଟେ ତିହାର୍
ଆଏ ଅଖି ତୁର୍‌ତିଆ ।
ପହପହନୁ ଗାଧି, ଯାଏସି ଖେତ୍‌କେ
ଧରି ଧାନ୍ ହଲ୍ ହଲିଆ ॥
ବନେକରି ଅଢିଆ ମୁଠେ ମିଲୁ ବଲି
କର୍‌ସି ପୂଜାପାଟ୍ ।
ଅଏନ୍ ସମିଆଁ ଦେଖିକରି ଇଦିନେ
ଫିଟାସି ଚାଷର୍ ବାଟ୍ ॥

❖

-୭୮-

ପାଠ ପଢି ହାକିମ ହେଲେ କି ଲାଭ
ନ ଜାଣିଲେ ବ୍ୟବହାର ।
ଲୋକଙ୍କ ସହ ମିଶି ହେଲେ ଭଲ କଥା
ଅଟେ ବଡ ଉପହାର ॥

❖

-୭୯-

ଏଛେନ୍ ଜୀବନ୍ ଆର୍ ଘଡେକେ ନାଇଁ
କେତେବେଲେ ଯିବା ଉଡି ।
ଟଁକା ପଏସା ଧନ୍ ସଂପତି ଲାଗି
ଛାଡୁଛୁଁ କେତେ ରଡି ॥

❖

**-୮୦-**

ପହେଲା ନିଜ୍‌କେ ଟିକେ ଦେଖ ଭାବି
କେନ ଅଛେ ତୁମର ଠାନ୍ ।
ତାର୍ ପରେ କହେବ କିଏ ବନେ ଅସାର୍
ନିଜ୍‌କେ ନିଜେ କରି ଟାନ୍ ।

❖

**-୮୧-**

ମୁନୁଷ୍ ଜୀବନ୍ ପାଇଛୁ ଦୁନିଆଁଥି
ବୁଧି ଅକଲ୍ ଟିକେ କର୍
ଅଲ୍‌ଗା ଲୁକର୍ କଥାରେ ପଡି
କୁଟୁମ୍‌କେ କରୁଛୁ ପାର୍ ॥

❖

**-୮୨-**

ବୁଝିସୁଝି କରି କର୍‌ଲେ କାମ୍
ସହଜେ ଯିବା ସରି ।
ହର୍‌ବର୍ ହେଲେ ହେବ ଘାଟିଁସାଁଟି
ନାଇଁଦିଅ ପାସ୍‌ରି ॥

❖

**-୮୩-**

କାର୍ତ୍ତିକ୍ ମାସେ ସକାଲୁ ଦେଲେ ବୁଡେ
ନାଇଁ ମେଟିଯାଏ ପାପ୍ ।
ହରିନାମ୍ କେ ଟୁଣେ ଧର ସବୁବେଳେ
ମନ୍‌କେ ରଖି ସାଫ୍ ॥

❖

-୮୪-
ଆ ମଉସୁମି ଆ କେନେ ଗଲୁ ହଜି
ଟାକିଛେ ସାରା ଜଗତ୍ ।
ଧରାକେ ତୁଇଁ ଆଏଲେ ଉତ୍‌ରି
ହେସନ୍ ସଭେ ଉସତ୍ ॥
❖

-୮୫-
ଶୀତ୍ କାକଁର୍ ଖରା ବର୍‌ଷା ସହି
କରସିଁ ମୁଇଁ କବାର୍ ।
ଘର୍ ଦୁଆର୍ ରୋଡ୍ କାମେ ବୁହିସିଁ
ଇଟା ପଖନ୍ ମାଏଟ୍ ଭାର୍ ॥
❖

-୮୬-
ମୁନୁଷ୍ ଜନମ୍ ପାଇଛୁଁ ଆମେ
ପଟିଉଟି ରହେଲେ ବନେ ।
ଗାଲିଝଗରେ ନାଇଁ ନ କିଛି ଲାଭ୍
ଜୀବନ୍‌ଟା ଘଡେଛନେ ॥
❖

-୮୭-
ମାଁ ମାଏଟ୍ ଲାଗି ଲଢୁଥିଲେ ଏକ୍‌ଲା
ନାଇଁ ମାନୁଥାଇ ହାର
ବୀର୍ ସୁରେନ୍ଦ୍ର ସାଏ ସାହାସ୍ ଦେଖି
ଡରୁଥିଲା ଗୁରା ସର୍‌କାର୍ ॥
❖

-୮୮-

ଜିଇଁ ଥିବାର ତକ୍ ମୋର୍ ମୋର୍ କହି
ମାରୁଥିବ କେତେ ବାହାଦୁରୀ ।
ମରିଗଲା ପରେ ଖାର୍‌ମୁଠେ ହେଇଯିବ
ଇ କଥା କେ ନାଇଁ ଦିଅ ପାସ୍‌ରି ॥
ଧନୀ ଗରିବ୍ ବାଛ୍ ବିଚାର୍ ନାଇଁ କର
ସଭେ ତ ଆମେ ମୁନୁଷ୍ ଜାଏତ୍ ।
ହିଂସାହଂକାର୍ ହେଲେ ନାଇଁ ମିଳେ କିଛି ଲାଭ୍
ସବୁ ଗରବ୍ ତୁମର୍ ହେବା ଖଏତ୍ ॥

❖

-୮୯-

ସାଇ ବାବାର୍ ନାଁ କେ ଜପୁଥିଲେ
ସବୁ ଦୁଖ୍ ହେସି ପାର୍ ।
କରୁଥିଲେ ତାର୍ ପାଦ୍ ତଲେ ସେବା
ନାଇଁ ମିଲେ କେଭେ ହାର୍ ॥

❖

-୯୦-

ସତ୍‌କେ ଇଠାନେ ଦେଇଛନ୍ ବାନ୍ଧି
ମିଛ୍ ହେଇଛେ ମୁକ୍‌ଲା ।
ନିର୍‌ଦୁଷି କେ ଦଉଛନ୍ ସଜା
ଦୁଷି ବୁଲୁଛେ ମେଲା ॥

❖

-୯୧-

ମଦ୍ ଗଂଜେଇ ବିଡି ସିଗ୍‌ରେଟ୍
ଆଏ ବଡେଟେ ନିଶା ।
ଯମ୍ ରଜା ସାଂଗେ ହେବା ଭେଟ୍
କର୍‌ଲେ ତାକେ ପେଶା ॥

ତାର୍ ଠାନୁ ରହ ସବୁବେଳେ ଦୁରିଆ
ନାଇଁ କର ବଏସ୍‌ରା ।
ସମିଆଁ ଆସି ବାଟ୍ ମୁହୁଁକେ କହେବା
ବାବୁରେ ଖଟ୍ ଖଁସ୍‌ରା ॥

❖

-୯୨-

କମେଇ କୁଠେଇ ଛଟିଁଥିଲେ ପଏସା
କରସନ୍ ତାକେ ଲୋଭ୍ ।
ଭୁର୍‌ତେଇ କରି ଖାଏବାର୍‌କେ
ଲୁହୁର୍ ଟୁପୁର୍ ଲୋକ୍ ॥

କାମ୍‌ଧନ୍ଦା କଲେ ସୋର୍ ପାଏତେ
ଲାଗ୍‌ସି କେନ୍ତା ଜୀବନ୍ ।
ଠକିଭଣି ଖାଲି ଧନ୍ ଲୁଟ୍‌ବାର୍‌କେ
ଘୁରୁଥିସି ତାକର୍ ମନ୍ ॥

❖

-୯୩-
ନିଜର୍ ଭୁଲ୍ କେ ନାଇଁ ମାନ ଭୁଲ୍ ବଲି
ହେସ କେତେ ଘିଚିଟାନି ।
ପର୍‌କେ ସଦାବେଲେ ଦେଇକରି ଦୋଷ୍
ମାରୁଥିସ ଖାଲି ଠାନି ॥
❖

-୯୪-
କେତେ କିସମ୍‌ର ଖେଲୁଛନ୍ ଖେଲ୍
ଧରି ହାତେ ମୁବେଲ୍ ।
ଦିନ୍ ରାଏତ୍ ଖାଲି ମାତିଛନ୍ ସେଥି
ନାଇଁନ ବେଲ୍ ଉବେଲ୍ ॥
❖

-୯୫-
ଆତଙ୍କ୍‌ବାଦୀ ହମ୍‌ଲାରେ ଆଜିର୍ ଦିନେ
ଯବାନ୍ ଜୀବନ୍ ଦେଲେ ହାରି ।
ତାହାକୁ ଆଏଜ୍ ଫୁଲ୍ ଉଜଂଲେ ଦେମା
ଭେଲେ ।ଇନ୍ ଦିନ୍‌କେ ପାସ୍‌ରି ॥
❖

-୯୬-
ଯେନ୍ ଲୋକ୍ ପଡ଼ିଥିବା ଅର୍‌କଲେ
କର ତାହାକେ ସାହେଜ୍ ।
ଦାଁତ୍‌କେ ଦେଖେଇ ଯଉଛ ପଲେଇ
ନାଇଁ ଲାଗ୍‌ବାର୍ ଲାଏଜ୍ ॥

❖

-୯୭-

ପଚେ  ତ୍ ଭୋଟ୍ ଲାଗି ଗାଁ ଗହଲି
ଚାଲିଛେ ଏଭେ ଚର୍ଚ୍ଚା ।
ଉଠ୍‌ବାର୍ କେ ଯେ କରୁଛେ ଆଶ୍
କରି ବସ୍‌ଲାନ ଖର୍ଚ୍ଚା ॥

ଜୁହାର୍ ମୁଡିଆ କେତେ କର୍‌ବେ
ହେବାର୍‌କେ ସରପଂଚ୍ ।
ଗାଦିଥି ବସ୍‌ଲେ କର୍‌ଲେ ଗୁହାରି
କରସନ୍ ପର୍‌ପଂଚ୍ ॥

❖

-୯୮-

ସକାଲୁ କରୁଛ ମାହାଁପୁରୁ ପୂଜା
ଫୁଲ୍, ଭୋଗ୍ ଚଢେଇ ।
ଲୁକର୍ ନାଁରେ କହେସ କେତେ କଥା
ସତ୍ ମିଛ୍ ବଢେଇ ॥

ମାହାଁପୁରୁ ନାଁ ଧରି ଲନ୍ ଫନ୍ କଲେ
ନାଇଁ ମିଲେ କିଛି ଲାଭ୍ ।
ହୁରୁଦ୍ ଭିତ୍‌ରୁ ଲୁକର୍ କଲେ ସେବା
ରହେସି ସଂସାରେ ଭାବ୍ ॥

❖

-୯୯-

କୁକ୍‌ରା ଡାକ୍‌ଲେ ଉଠୁଥିଲେ ଆଘୋ
ଏଭେ ବାଜୁଛେ ମୁବେଲ୍ ।
ଫେର୍‌ବି ଲୁକର୍ ଝୁମ୍‌ରା ନାଇଁ ଭାଙ୍ଗେ
ହେଇଯାଏସି ଉବେଲ୍ ।
ଚଁଟିଆର୍ ଶବଦ୍ ନାଇଁ ଶୁଭ୍‌ବାର୍
ଗଲେନ ମରିହଜି ।
ନୂଆଁ ନୂଆଁ ଯନ୍ତର୍‌ପାତି ଲାଗି
ଜୀବନ୍ ଲାଗୁଛେ ବାଜି ॥

❖

-୧୦୦-

ନିଜ୍‌କେ ନିଜେ ଭାବୁଛ ହୁସିଆର୍
ପର୍‌କେ କହୁଛ ବେଡା ।
ଦେଖେଇ ନାଇଁ ହୁଅ ଯହ ଚତୁର୍
ମୁଡେ ପଡିଯିବା ଗେଡା ॥

❖

-୧୦୧-

ନିଜର୍ ଭୁଲ୍ କେ ନାଇଁ ପାରନ୍ ଦେଖି
ଉଜାଁ ଲୁକ୍‌କେ ଦୋଷ୍ ଦେସନ୍ ଲଦି ।
ନିଜେ ଯାହା କଲେ ସେଟା ଆଏ ବନେ
କହେବାର୍ ଆଘୋରୁ ନିଜେ ଭାବ ଛନେ ।

❖

**-୧୦୨-**

ନକ୍‌ଲି ସାଟିପିକେଟ୍ ଘିନି ଆନି
କଲ ସର୍‌କାରୀ ଚାକିରି ।
ଇହାଦେ ଧରାପଡିଗଲ ଯେନ୍‌ତା
ପଲାଲ ଛାଡି ନଉକିରି ॥

ହେତେବେଲେ ତଲେ ନି ପଡୁଥାଇ ପାହା
ମାରୁଥିଲ କେତେ ଫୁଟାନି
ପଏସା ଗରବଥି କହୁଥିଲ କଥା
ହଉଥିଲ ଘିଚିଟାନି ॥

❖

**-୧୦୩-**

ପନତ୍ ଢାପି ରଖିଥିବୁ ମାଁ ସମ୍‌ଲେଇ
ହେଇଥିବୁ ଟିକେ ସାହା ।
ବିପଦ୍ ଆପଦେ କରୁଥିବୁ ଦୟା
ଆମେ ତୋର୍ ପିଲାଛୁଆ ॥

❖

**-୧୦୪-**

ଆଗ୍ ଆଡେ ଅଏନ୍ କଥା କହି
ଘିନି ନେବେ ତୁମର୍ ମନ୍ ।
ପଛେ ଏନ୍‌ତା କପଟ୍ କରିଦେବେ
ଦିନ୍ ବେଲି ଦେଖିବ ଜନ୍ ॥

ଆଏଜ୍‌କାଏଲ୍ ନିଜର୍ ଲୋକ୍‌କେ
ଯେତେ ଯହ ଦେବ ସାଥ୍ ।
ସମିଆଁ ପଡ୍‌ଲେ ଛାଡି ପଲାବେ
ମାରିକରି ଦୁଇ ଲାତ୍ ॥

❖